# ଘନ କୁହୁଡ଼ି ଓ ମେଘୁଆ ପାଗ ଯୋଗୁଁ ଜନଜୀବନ ପ୍ରଭାବିତ

କେନ୍ଦୁଝର,୧୭ ।୧(ସମିସ)



ବୁଧବାର ତମାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ଏବଂ ମେଘାଛନ୍ନ ଆକାଶ କାରଣରୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଘନ କୁହୁଡି ଯୋଗୁଁ ଜାତୀୟ ରାଜପଥ ୨୦ ଓ ୪୯ ସମେତ ଜିଲ୍ଲାର ବିଭିନ୍ନ ରାଜପଥ ଏବଂ ରାଜ୍ୟ ରାଜପଥ ଗୁଡ଼ିକରେ ଗାଡ଼ିମୋଟର ଚଳାଚଳ ପ୍ରଭାବିତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଘନକୁହୁଡି କାରଣରୁ ୫୦୦ ମିଟର ପର୍ଯ୍ୟନ୍ତ ଭିଜିବିଲିଟି ରହିଥିଲା। ବୁଧବାର ସନ୍ଧ୍ୟା ସମୟରେ ମଧ କୁହୁଡି ଦେଖାଯାଇଥିବାବେଳେ ବୁଧବାର ଗୁରୁବାର ଦୁଇଦିନ ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଏଥି ସହିତ ଆଗାମୀ ୧୮ ତାରିଖ ପରେ ଆକାଶ ମେଘାଛନ୍ନ ରହି ପାଗ ମେଘୁଆ ହେବାର ସୂଚନା ରହିଛି। ତେବେ ବିଭାଗୀୟ ସୂଚନା ଅନୁସାରେ ଗତ ୧୫ ତାରିଖରେ କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ୧୧.୪ ଡିଗ୍ରୀ ସେଲସିୟସ ରହିଥିଲା। ୧୬ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୨.୦ ରହିଥିବାବେଳେ ବୁଧବାର ୧୮ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲସିୟସ ରେର୍କଡ ହୋଇଛି। ଫଳରେ ଦିନରେ ମଧ ଶୀତ ଅନୁଭୂତ ହେଉଛି। ଆଗାମୀ ୨/୩ ଦିନ ପର୍ଯ୍ୟନ୍ତ ତାପମାତ୍ରା ବର୍ତ୍ତମାନ ଭଳି ରହିବାକୁ ଥିବାବେଳେ କୁହୁଡି ଯୋଗୁଁ ଗାଡିମୋଟର ଚଳାଚଳରେ ସାବଧାନତା ଗ୍ରହଣ ନହେଲେ ଦୁର୍ଘଟଣା ଆଶଙ୍କାକୁ ଏଡାଇ ହେଉନାହିଁ। ବିଶେଷକରି ଜିଲ୍ଲାର ଘାଟି ଅଞ୍ଚଳରେ ଯାଇଥିବା ରାସ୍ତାରେ ଗାଡ଼ିମୋଟର ଚଳାଚଳବେଳେ ସାବଧାନତା ଜରୁରୀ ବୋଲି କୁହଯାଉଛି।

## ଜାତୀୟ ଆଲୋଚନାଚକ୍ରରେ ଯୋଗଦେଲେ ଶିକ୍ଷକ




**ସୋସୋ, ୧୭।୧(ସମିସ):** ହାଟଡିହି ବ୍ଲକ ମଙ୍ଗରାଜପୁର ଗ୍ରାମର ଶିକ୍ଷକ ସହଦେବ ବେହେରା ଜାତୀୟ ଆଲୋଚନାଚକ୍ରରେ ଯୋଗ ଦେଇ ନିଜ ଜିଲା ତଥା ରାଜ୍ୟର ଗୌରବ ଆଣିଛନ୍ତି। ଶ୍ରୀ ବେହେରା ଗୁଜୁରାଟ ବରୋଦା ଠାରେ ସର୍ବପୁରାତନ ମହାରାଜ ଶିବାଜୀ ରାଓ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଭାରତୀୟ ପାରମ୍ପାରିକ ଜ୍ଞାନ ଏକ ଦିଗ୍‌ଦର୍ଶନ ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ଗବେଷଣା ମୂଳକ ପୁର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥାରେ ଯୋଗର ଭୂମିକା ଏକ ଅଧ୍ୟୟନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଆଶୁତୋଷ ବିଶ୍ୱାଳ, ପ୍ରଫେସର ଭିକେ ଶ୍ରୀ ବାସ୍ତବ, ପ୍ରଫେସର ସୁଜାତା ଶ୍ରୀ ବାସ୍ତବ, ଡ. ଅର୍ଜନା, ଡ. ଅଂଶୁମାନ୍, ସତ୍ୟଜିତ୍ ତଥା ସିକିମ୍, ଦିଲ୍ଲୀ, ମେଘାଳୟ, ମଧ ପ୍ରଦେଶ, ହରିୟାଣ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କେରଳ, ରାଜସ୍ଥାନ, ଛତିଶଗଡ, ଝାଡଖଣ୍ଡ ପ୍ରଭୃତି ରାଜ୍ୟ ତଥା ବିଦେଶରୁ ଆସିଥିବା ଶିକ୍ଷକ ଶିକ୍ଷାବିତ, ଗବେଷକମାନେ ଏଥିରେ ଯୋଗଦେଇଥିଲେ। ସେହିପରି ଶ୍ରୀ ବେହେରାଙ୍କ ଧର୍ମପତ୍ନୀ ମୀନତି ଲତା ବେହେରାଙ୍କ ସନ୍ଦର୍ଭ 'ଓଡିଶାର ପର୍ବପର୍ବାଣିରେ ପ୍ରସ୍ତୁତ ପାରମ୍ପାରିକ ଖାଦ୍ୟ ଏକ ସର୍ବୋକୃଷ୍ଟ ଖାଦ୍ୟ ଏକ ଅଧ୍ୟୟନ ସମ୍ପର୍କିତ ପ୍ରସଙ୍ଗଟି ମଧ ଉପସ୍ଥାପନ କରାଯାଇ ଉଚ୍ଚ ପ୍ରଶଂସା ଲାଭ କରିଥିଲେ।

## ରାମଚନ୍ଦ୍ରପୁରରେ ଭଲିବଲ ଟୁର୍ଣ୍ଣାମେଣ୍ଟ
## ଯୋଗଦେବେ ୬ଟି ଜାତୀୟ ଟିମ୍

**ଘସିପୁରା,୧୭ ।୧(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘ ତରଫରୁ ଆସନ୍ତା ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ରାମେଶ୍ୱର ଷ୍ଟାଡିୟମରେ ଫ୍ଲଡ୍‌ଲାଇଟ୍‌ରେ ଜାତୀୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ଷ୍ଟାଡିୟମ୍ କ୍ଲବ ହାଇସରେ ଯୁବ ସଂଗଠକ ତଥା ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପକୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଇଣ୍ଡିଆନ ଆର୍ମି, ସିଆଏସ୍‌ଏଫ ଦିଲ୍ଲୀ, ହରିୟାନା ସ୍ୱାଇକର, ଇନକମ୍ ଟ୍ୟାକ୍ସ କୋଲକାତା, ରାଇଜିଂ କ୍ଲବ ଓଡ଼ିଶା, ଆନ୍ଧ୍ର ସ୍ପୋର୍ଟସ ଏକାଡେମୀ ପ୍ରଭୃତି ଜାତୀୟ ସ୍ତରର ୬ଟି ଭଲିଟିମ୍ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ରାଉଣ୍ଡ ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ଦୁଇ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ପ୍ରସ୍ତୁତି ବୈଠକରେ ରବିନ୍ଦ୍ର ସ୍ୱାଇଁ, ଦାମୋଦର ମଲ୍ଲିକ, ଭରତ ଭୂଷଣ ନାୟକ, ସୁଶାନ୍ତ ବିଶ୍ୱାଳ, ଜୟକୃଷ୍ଣ ବଳ, ଚିତ୍ତରଞ୍ଜନ ନାୟକ, ଶିଶିର କୁମାର ଜେନା, ପ୍ରଶନ୍ନ ନାୟକ, ଲାଲୁପ୍ରସାଦ ସ୍ୱାଇଁ, ପ୍ରଣବ ନାୟକ, ପ୍ରକାଶ ରାଉତ, ପିଗୁଲ ରାଉତ, ଆର୍ତ୍ତ ନାୟକ, କିଶୋର ରାଉତ, ଉଦୟ ଓଝା, ତ୍ରୈଲୋଚନ ସ୍ୱାଇଁ, କଳ୍ପତରୁ ନାଥ, ଅକ୍ଷୟକୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବରେ ଅନେକ ନାମିଦାମୀ ରାଜନେତା ସେଲିବ୍ରେଟି ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିବା କ୍ଲବ ତରଫରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧାପ୍ରସାରଣ



**ବାଲିବନ୍ଧ,୧୭।୧(ସମିସ):** ଝୁମ୍ପୁରା ବ୍ଲକ ପ୍ରଶାସନ ପକ୍ଷରୁ ଝୁମ୍ପୁରା ଦୋଳପଡିଆ ଠାରେ ଆୟୋଜନ କରାଯାଇଥିବା ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖିଲେ ଜନସାଧାରଣ। ଏହି ବ୍ଲକସ୍ତରୀୟ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ଲାଗି ପ୍ରବଳ ଜନସମାଗମ ହୋଇଥିଲା। ବିଡିଓ ହୃଦାନନ୍ଦ ଅଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ବ୍ଲକ ଅଧକ୍ଷା ମାଳତୀ ନାଏକ, ଜିଲ୍ଲାପରିଷଦ ସୋମବାରୀ ମୁର୍ମୁ, ସ୍ଥାନୀୟ ସମିତି ସଭ୍ୟ କୁଞ୍ଜବିହାରୀ ନାଏକ, ଅର୍ଶଳା ସମିତିସଭ୍ୟା ଲଳିମଣି ମାଝୀ, ନାଏବ ସରପଞ୍ଚ ଶିବାନୀ ବେହେରା, ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଫୁଲମଣୀ ନାଏକ, ନିଶ୍ଚିନ୍ତପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଶୁଭଦର୍ଶି କର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରରେ ମଧ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ହୋଇଥିଲା।

## ମହିମା ଧର୍ମ ପ୍ରଚାରକ ଚେତାରାମ ମହାନ୍ତଙ୍କ ପରଲୋକ



**ଚମ୍ପୁଆ,୧୭ ।୧(ସମିସ):** ଚମ୍ପୁଆ ବ୍ଲକ୍ କାଶିପାଳ ପଞ୍ଚାୟତ ଅଧୀନ ଗୁଲୁଦିପଶି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଚେତାରାମ ମହାନ୍ତ (୮୫)ଙ୍କ ପରଲୋକ ହୋଇଯାଇଛି। ସେ ଅଲେଖ ମହିମା ଧର୍ମରେ ଦୀକ୍ଷିତ ହୋଇ ଭକ୍ତ ସହିତ ମହିମାଧର୍ମର ଆଜୀବନ ପ୍ରଚାରକ ଥିଲେ। ସନାତନ ଧର୍ମକୁ ନିଗୁଢ଼ ଭାବେ ମାନୁଥିଲେ। ୨୦୨୩ ଗୁଲୁଦିପଶି ଭାଗବତ ଆସର ବାର୍ଷିକ ଉତ୍ସବରେ ଗ୍ରାମ ପ୍ରତି ତାଙ୍କ ବିଶେଷ ଅବଦାନ ପାଇଁ ଗ୍ରାମରତ୍ନ ସମ୍ମାନରେ ପୁରସ୍କୃତ କରାଯାଇଥିଲା। ତାଙ୍କମୃତ୍ୟୁରେ ଗ୍ରାମ ତଥା ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଶିକ୍ଷକ ଯତୀନ୍ଦ୍ର ମହାନ୍ତ, ଯୁବ ସମାଜସେବୀ ଦିବାକର ମହାନ୍ତ, ରିତେଶ ମହାନ୍ତ, ବୋହୁ ଲଳିତା, କାଞ୍ଚନବାଳା, ରଜନୀଗନ୍ଧା, ବଡ଼ଝିଅ ରେବତୀ ମହାନ୍ତଙ୍କ ସହିତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବିଶ୍ୱତାରିଣୀ ମହିଳା କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ

**ସୋସୋ,୧୭ ।୧(ସମିସ):** ହାଟଡ଼ିହି ବ୍ଲକ ଛେନାପଦି ବିଶ୍ୱ ତାରିଣୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନି ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ୍ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧାପିକା ଆଳତି ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧାପକ ହିମାଂଶୁ ଶେଖର ମିଶ୍ର, ଅଧାପକ ଦତାତ୍ରୟ ସାମଲ, ଅଧାପିକା ପଲ୍ଲିଶ୍ରୀ ପାଇକରାୟ, ଶୁଭସ୍ମିତା ପଲତା, ସ୍ୱର୍ଣ୍ଣଲତା ପଣ୍ଡା, ଦୀପ୍ତିମୟୀ ଜେନା, ସୁମିତ୍ରା ବେହେରା, ସୁହାସିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ।



## ବାଳିକା ଆତ୍ମରକ୍ଷା ଶିବିର



**ସୋସୋ,୧୭ ।୧(ସମିସ):** ହାଟଡ଼ିହି ବ୍ଲକ ସଡ଼ଙ୍ଗ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର କଲେଜର ଅଧକ୍ଷ ସୁବ୍ରତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ ଜଣ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ତାଲିମପ୍ରାପ୍ତ ପ୍ରଶିକ୍ଷିକା ହରପ୍ରିୟା ମହାକୁଡ ତାଲିମ ପ୍ରଦାନ କରୁଛନ୍ତି। ନୋଡାଲ ଅଫିସର ଭାବେ ଅଧାପକ ଦୁର୍ଯ୍ୟାଧନ ସାହୁ ଶିବିର ପରିଚାଳନା କରିଥିଲେ।

## ମୁକୁଳା ବିଦ୍ୟୁତ୍ ତାର ପାଇଁ ବଢୁଛି ବିପଦ



**ହାଟଡ଼ିହି,୧୭।୧(ସମିସ):** ହାଟଡ଼ିହି ବ୍ଲକ୍ ସମଣା ଗ୍ରାମର ନନ୍ଦସାହିରେ ବିଦ୍ୟୁତ୍ ତାର ଖୋଲା ମୁକୁଳାରେ ଝୁଲୁଥିବା ବେଳେ ମାଟି ଠାରୁ ମାତ୍ର ଅଳ୍ପ ଉଚ୍ଚତାରେ ବିଦ୍ୟୁତ୍ ତାର ଯାଇଥିବା ହେତୁ ପ୍ରତିମୁହୂର୍ତ୍ତରେ ବିପଦ ଆଶଙ୍କା ଦେଖାଦେଇଛି। ଏନେଇ ଗ୍ରାମର ରାଜୀବ ଲୋଚନ ନନ୍ଦ ୨୦୨୩ ମସିହା ଅଗଷ୍ଟ ୧୭ତାରିଖରେ ଇ-ମେଲ୍ ଯୋଗେ ଅଭିଯୋଗ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ସୁଫଳ ମିଳିପାରିଲା ନାହିଁ କି ସମସ୍ୟାର ସମାଧାନ ମଧ ହୋଇପାରିଲା ନାହିଁ। ଏପରିସ୍ଥଳେ ବିଦ୍ୟୁତ୍ ବିଭାଗକୁ ରାଜୀବ ନନ୍ଦ ଫୋନ୍ ନଂ ୬୩୭୦୭୭୨୪୧୨ରେ ବାରମ୍ବାର ଅବଗତ କରାଇଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ ସାଜିଛି। ଧନଜୀବନ ହାନୀ ଭଳି କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ଯଥାଶିଘ୍ର ଏହାର ମରାମତି କରିବାକୁ ନନ୍ଦସାହିର ରାଜୀବ ଲୋଚନ ନନ୍ଦ, ଅକ୍ଷୟ କୁମାର ନନ୍ଦ, ବାମଦେବ ନନ୍ଦ, ନିର୍ମଳ ଭଟ୍ଟାଚାର୍ଯ୍ୟ, ସୌଭାଗ୍ୟ କୁମାର ସା, ଶ୍ରବଣ କୁମାର ନନ୍ଦ ପ୍ରମୁଖଙ୍କ ସହ ଗ୍ରାମର ଅନ୍ୟମାନେ ଦାବି କରିଛନ୍ତି।

## ଫାଶୀ ଲଗାଇ ଜୀବନ ହାରିଲେ ଯୁବକ

**ପାଟଣା,୧୭ ।୧(ସମିସ):** ପାଟଣା ଥାନା ଅଧୀନ ଡିଆନାଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଚାକୁଣ୍ଡା ଗଛରେ ଫାଶୀ ଲଗାଇ ଜଣେ ଯୁବକ ଜୀବନ ହାରିଛନ୍ତି। ମୃତ ଯୁବକ ଜଣକ ଡିଆନାଳି ଗ୍ରାମର ହେମନ୍ତ ମହାନ୍ତ (୩୮) ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଘଷିପୁରା,୧୭ ।୧(ସମିସ):** ରାମଚନ୍ଦ୍ରପୁର ଥାନା ଖଡ଼ିକାଶୁଳ ବାହାଳୀ ଛକରେ ମଙ୍ଗବାର ରାତି ୯ଟା ସମୟରେ ଏକ ଅଜଣାଗାଡି ଧକ୍କାରେ ଘସିପୁରା ଥାନା କୋଚିଆନେଣି ଗ୍ରାମର ଜୀବନ ରାଉତ (୨୦) ଗୁରୁତର ଆହାତ ହୋଇ ସ୍ଥାନିୟ ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଜୀବନ ଏକ ବାଇକ ଯୋଗେ ନିଜ ଗ୍ରାମକୁ ଯାଉଥିବା ସମୟରେ ଖଡିକାଶୁଳବାହାଳୀ ଛକରେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସାଇଁକୁଳ ଫାଣି ଅଧିକାରୀ ସୁରେଶକୁମାର ମାଝୀ ମେଡିକାଲରେ ପହଞ୍ଚି ପଚାରା ଉଚାରା କରି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

## ନିର୍ମାଣାଧୀନ ଗୋଷ୍ଠୀକେନ୍ଦ୍ରକୁ ଭାଙ୍ଗିଲେ ଦୁର୍ବୃତ୍ତ

**ଘଷିପୁରା,୧୭ ।୧(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଖଲଣା ପଞ୍ଚାୟତ ଆଗର୍ଦା ଗ୍ରାମର ଉପରସାହି ହନୁମାନ ବାଟିକା ପରିସରରେ ନିର୍ମାଣଧୀନ ଗୋଷ୍ଠୀକେନ୍ଦ୍ରକୁ ଭାଙ୍ଗିଦେଲେ ଦୁର୍ବୃତ୍ତ। ଏନେଇ ଗ୍ରାମବାସୀ ଥାନାର ଫେରାଦ ହୋଇଛନ୍ତି। ଗ୍ରାମବାସୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଆଗର୍ଦା ହନୁମାନ ବାଟିକା ପରିସରରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ହେଉଥିଲା। ଏହାକୁ ବିରୋଧ କରି କିଛି ଦୁର୍ବୃତ୍ତ ଗତ ରାତିରେ ନିର୍ମାଣାଧୀନ ଘରକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଗତକାଲି ସନ୍ଧ୍ୟାରେ ଗ୍ରାମବାସୀ ଏବଂ ମନ୍ଦିର କମିଟି ସଦସ୍ୟ ମିଶି ଏକ ସମୀକ୍ଷା ବୈଠକ ସାରି ଫେରିବା ପରେ ବିଳମ୍ବିତ ରାତିରେ କେହି ଶାବଳରେ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ସକାଳୁ ମନ୍ଦିରକମିଟି ସଦସ୍ୟମାନେ ଦେଖି ସଙ୍ଗେସଙ୍ଗେ ସାଇଁକୁଳ ଫାଣ୍ଡି ଏବଂ ରାମଚନ୍ଦ୍ରପୁର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୁଲିସ ଏହାର ସଠିକ୍ ତଦନ୍ତ କରି ଦୋଷିକୁ ଦଣ୍ଡ ଦେବାକୁ ଗ୍ରାମବାସୀ ତଥା ମନ୍ଦିର କମିଟି ସଦସ୍ୟ ରମେଶ କୁମାର ଜେନା, ରାକେଶ କୁମାର ବେହେରା, ଆନନ୍ଦଚନ୍ଦ୍ର ନାୟକ, ସନ୍ତୋଷ କୁମାର ଜେନା, ପ୍ରଫୁଲ୍ଲ କୁମାର ଭଞ୍ଜ, ଶାନ୍ତନୁ କୁମାର ଜେନା, ପ୍ରଫୁଲ୍ଲ କୁମାର ଭଞ୍ଜ, ଦିଲୀପ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

## ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ

**ପାଟଣା,୧୭ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବନ ରେଞ୍ଜ ଅଧୀନ ରାମଚନ୍ଦ୍ରପୁର ଗ୍ରାମରୁ ଆଜି ଲକ୍ଷାଧିକ ଟଙ୍କାର ଶାଳକାଠ ବନବିଭାଗ ଜବତ କରିଛି। ଏହି ଗ୍ରାମର ଜଙ୍ଗଲରେ କାଠ ମାଫିଆମାନେ ବେଆଇନ ଭାବେ କାଠ କାଟୁଥିବା କେନ୍ଦୁଝର ଡିଏଫ୍‌ଓଙ୍କ ପାଖରେ ଖବର ପହଞ୍ଚି ଥିଲା। ପାଟଣା ବନପାଳ ପିଅନ ନାଏକ ଓ ପାରା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରୁ ୧୦ ଖଣ୍ଡ ଶାଳଗଣ୍ଡି ଜବତକରି ବନ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। କାଠ ମାଫିଆମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ।

## ବିଏନ୍ ହାଇସ୍କୁଲରେ ବନ୍ଧୁମିଳନ

**ଆନନ୍ଦପୁର,୧୭।୧(ସମିସ):** ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୯୫ ମାଟ୍ରିକ ବ୍ୟାଚର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରବିନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତ ସହପାଠୀ ଓ ଶିକ୍ଷକ କୃଷ୍ଣଚନ୍ଦ୍ର କବି, ବେଣୁଧର ମିଶ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସହପାଠୀ ଛାତ୍ର ସମୟର ସ୍ମୃତି ସବୁ ମନେ ପକାଇ ଭାବବିହ୍ୱଳ ହୋଇପଡିଥିଲେ। ପରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସହିତ ଆଗାମୀ ଦିନରେ ଏହି ବନ୍ଧୁ ମିଳନ କାର୍ଯ୍ୟରେ କିପରି ଅଧିକରୁ ଅଧିକ ସହପାଠୀ ଯୋଗ ଦେବେ ସେନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହପାଠୀ ସିଲୁ ମିଶ୍ର, କିଶୋର ସାହୁ, ସ୍ୱରୂପ ପାତ୍ର, ଟୁକୁ ଜେନା, କୁମାରକାନ୍ତ ରାମ, ନିଲୁ ରଣା, ରବିନ ଦଳେଇ, ରୁଦ୍ର ସାହୁ, ପ୍ରମୋଦ ସାହୁ, ପ୍ରତାପ ମହାନ୍ତି, ପିଣ୍ଟୁ ମହାପାତ୍ର, ବିଗୁଲୁ ପଟ୍ଟନାୟକ, ମିଠୁ ପଣ୍ଡା, ଅବନି ସାହୁ, ରତିକାନ୍ତ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ସାମିଲ ହୋଇଥିଲେ।

## ଶାସଙ୍ଗ ହାଇସ୍କୁଲର କ୍ରୀଡ଼ା ଉତ୍ସବ



**ସୋସୋ, ୧୭।୧(ସମିସ):** ହାଟଡିହି ବ୍ଲକ ଶାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ବିଶ୍ୱାଳ ଉଦ୍‌ଘାଟନ କରିଥବା ବେଳେ ଖେଳ ଶିକ୍ଷକ ଶାନ୍ତନୁ କୁମାର ରାଉତ ଓ ପ୍ରଦ୍ମନାଭ ସାମଲ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ରାଧାକୃଷ୍ଣ ପତି, ଶିଶିର କୁମାର ବିଶ୍ୱାଳ, ମାଧବାନନ୍ଦ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମନାବ ପଣ୍ଡା, କର୍ମଚାରୀ ପ୍ରଦୀପ କୁମାର ସ୍ୱାଇଁ, ରମେଶ ନାୟକ, ପଶୁରାମ ନାୟକ, ସତ୍ୟବ୍ରତ ବିଶ୍ୱାଳ ସହଯୋଗ କରିଥିଲେ।

# ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ



ଚମ୍ପୁଆ, ୧୭।୧(ସମିସ)







ସାଂପ୍ରତିକ ପରିସ୍ଥିତିରେ ମହିଳାଙ୍କ ଉପରେ ହେଉଥିବା ଆକ୍ରମଣ ପାଇଁ ଆତ୍ମରକ୍ଷା କୌଶଳ ଅପରିହାର୍ଯ୍ୟ ହୋଇପଡିଛି। ଏହାକୁ ରାଜ୍ୟ ସରକାର ଗୁରୁତର ସହ ଗ୍ରହଣ କରି ଉଚ୍ଚ ବିଦ୍ୟାଳୟ ସ୍ତରରେ ମହିଳାଙ୍କ ସୁରକ୍ଷା ପାଇଁ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ରାଣୀ ଲକ୍ଷ୍ମୀବାଇ ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ପ୍ରଶିକ୍ଷକ ଭାବେ ସାଗରୀକା ବେହେରା ଓ ତୁଳସୀ ମୁଣ୍ଡା ଯୋଗ ଦେଇ ଛାତ୍ରୀ ମାନଙ୍କୁ ଆତ୍ମ ରକ୍ଷା କୌଶଳରେ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଦୀପକ କର, ଅଧାପିକା ଅନିତା ଜେନା, ସତ୍ୟପ୍ରିୟା ମହାନ୍ତ ଏହି ଶିବିରକୁ ପରିଚାଳନା କରିଥିଲେ।

ଘଷିପୁରା: ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପତିତପାବନ କଲେଜରେ ମହିଳା ଆତ୍ମ ରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। କଲେଜର ଅଧକ୍ଷ ଅମୂଲ୍ୟକୁମାର ବିଶ୍ୱାଳଙ୍କ ସଂଯୋଜନାରେ +୩ ଅଧକ୍ଷ ଶରତକୁମାର ଜେନା, ମହାବିଦ୍ୟାଳୟର ଓଏସଡି ରାଜେନ୍ଦ୍ରକୁମାର ରାଉତ ଯୋଗଦେଇଥିଲେ। ଆତ୍ମରକ୍ଷା ଶିବିରକୁ ସଂଯୋଜିକା ସୌମ୍ୟାସୁଚରିତା ସାହୁ ପରିଚାଳନା କରିଥିବା ବେଳେ ଏନସିସି କମାଣ୍ଡାଣ୍ଟ ଜୟଦେବ ଦାଶ, ବରିଷ୍ଠ ଅଧାପକ ପ୍ରଦିପକୁମାର ମଲ୍ଲିକ, ଡ. ନରେନ୍ଦ୍ର କୁମାର ସାହୁ, ଅଧାପିକା କାବେରୀ ମିଶ୍ର, ସବିତାରାଣୀ ମିଶ୍ର, ଚିନ୍ମୟୀ ନାୟକ, ଦେବସ୍ମୀତା ମହାନ୍ତି ସମେତ କଲେଜର ସମସ୍ତ ଅଧାପକ ଏବଂ ଅଧାପିକା ଏହି କାର୍ଯ୍ୟକ୍ରମର ସକ୍ରିୟ ସହଯୋଗ କରିଥିଲେ। ତାଲିମ ଶିବିରରେ ପ୍ରଶିକ୍ଷକ ଶ୍ରୀମନ୍ତିନୀ ସାହୁ ନିଜର ଅଭିଜ୍ଞତା ଏବଂ ଜ୍ଞାନ କୌଷଳ ପ୍ରଦର୍ଶନ କରିବା ସହ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଥିଲେ।

ନାରଦପୁର: ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଠାରେ ଥିବା ମା' ଗ୍ରାମ୍ୟଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆଜି ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଏହାକୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ସେଠୀଙ୍କ ଉଦ୍‌ଘାଟନ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରୋଗ୍ରାମ କୋଅର୍ଡିନେଟର ଜୟନ୍ତ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର କୁମୁଦିନୀ ବେହେରା ଓ ସଂଗୀତା ସର୍ଦ୍ଦାର ଛାତ୍ରୀମାନଙ୍କୁ ଆନରକ୍ଷା ତାଲିମ ଦେବା ସହିତ ଏନେଇ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅଧାପକ ବାଦଲ କୁମାର ବେହେରା, ସୁଶିଲ ମହାନ୍ତ ପ୍ରମୁଖ ଏ ସଂପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ।

### ଆଦିବାସୀ ସମ୍ପ୍ରଦାୟର ନିଆରା ପରମ୍ପରା "ଦାମୋଦର ଯାତ୍ରା'

# ସୁନାମୁହିଁ ଘାଟ ଲୋକାରଣ୍ୟ; ତ୍ରିବେଣୀରେ ଅସ୍ଥି ବିସର୍ଜନ

**ବାରିପଦା, ୧୭ ।୧(ସମିସ)**



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ ସମ୍ପ୍ରଦାୟର ଲୋକଙ୍କ ଭାଷା ସଂସ୍କୃତି ଓ ପରମ୍ପରାରେ ବେଶ ଭିନ୍ନତା ଦେଖାଯାଇଥାଏ। ସମ୍ପୂର୍ଣ୍ଣ ଅନନ୍ୟ ପରମ୍ପରା ମଧ୍ୟରେ ନିଆରା ହେଉଛି ଦାମୋଦର ଯାତ୍ରା। ପିତୃପୁରୁଷଙ୍କ ସ୍ମୃତିରେ ପାରମ୍ପରିକ ରୀତିନୀତିରେ ଏହି ଦାମୋଦର ଯାତ୍ରାରେ ଲକ୍ଷାଧିକ ଲୋକ ସାମୂହିକ ଅସ୍ଥି ବିସର୍ଜନ କରିଥାନ୍ତି। ଜିଲ୍ଲାର ଗଣପର୍ବ ମକର ପରେ ଦାମୋଦର ଯାତ୍ରା ଅନୁଷ୍ଠିତ ହୋଇଥାଏ। ସୁନାମୁହିଁର ବାରୁଣି ଘାଟସ୍ଥିତ ଜରାଳୀ, ସରାଳୀ ଓ ବୁଢାବଳଙ୍ଗ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମ ଘାଟରେ ବୁଧବାରଠାରୁ ଦାମୋଦର ଯାତ୍ରା ଆରମ୍ଭ ହୋଇଛି। ଏହି ତ୍ରିବେଣୀ ସଙ୍ଗମ ଘାଟଟି ଦାମୋଦର କ୍ଷେତ୍ର ନାମରେ ଖ୍ୟାତିଲାଭ କରିଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏ ନେଇ ବେଶ ଚଳଚଞ୍ଚଳ ଦେଖିବାକୁ ମିଳିଛି। ଏଥିରେ ସ୍ଥାନୀୟ ଲୋକଙ୍କ ସମେତ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଅନେକ ସଂଖ୍ୟକ ଆଦିବାସୀ ସମ୍ପ୍ରଦାୟର ଲୋକେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ସହ ତିଳତର୍ପଣ କରି ତାଙ୍କ ଆତ୍ମାର ମୋକ୍ଷ କାମନା କରିଛନ୍ତି। ପରିବାର ଓ ଆତ୍ମୀୟସ୍ୱଜନମାନେ ଅମର ଆତ୍ମାର ସଦଗତି ନିମନ୍ତେ ଅସ୍ଥି ବିସର୍ଜନ କରି ତିଳତର୍ପଣ ଦାନଦକ୍ଷିଣା ଦେବା ସହିତ ପୁଣ୍ୟ ଅର୍ଜନ କରିବା ଆଦିମ କାଳରୁ ବିଶ୍ୱାସ ରହିଆସିଛି। ପ୍ରଥା ଅନୁସାରେ, ଆଦିବାସୀ ସମ୍ପ୍ରଦାୟର କୌଣସି ବ୍ୟକ୍ତିଙ୍କ ବର୍ଷକ ମଧ୍ୟରେ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଶ୍ମଶାନରୁ ଅସ୍ଥି ସଂଗୃହୀତ କରାଯାଇ ଘର ନିକଟରେ କୌଣସି ଏକ କ୍ଷୀର ଝରୁଥିବା ଗଛ ମୂଳରେ ସାଇତି ରଖାଯାଇଥାଏ। ଦାମୋଦର ଦିନ ଉକ୍ତ ଅସ୍ଥିକୁ ମୁଖାଗ୍ନି ଦେଇଥିବା ବ୍ୟକ୍ତି ଓ ଗ୍ରାମବାସୀ ମିଳିତ ହୋଇ ଗଛମୂଳରେ ନିଆଁ ଜାଳି ସଂଗ୍ରହ କରି ନୂଆ ଧଳା ଲୁଗାରେ ଗୁଡାଇ ଗ୍ରାମ ବାହାରର ଏକ ଛକି ସ୍ଥାନକୁ ଆଣଥାନ୍ତି। ତିନିଟି କେନ୍ଦୁଡାଳକୁ ଛକି ସ୍ଥାନରେ ପୋତିବା ପରେ ଏକ ଛୋଟ କଳସୀ ରଖାଯାଏ। ହଳଦୀପାଣି ଓ ହାଣ୍ଡିଆରୁ ପ୍ରସ୍ତୁତ ରଶି ଦ୍ୱାରା ଅସ୍ଥିକୁ ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ପଇସା ଦାନ ଦେଇଥାନ୍ତି। ମୁଖାଗ୍ନି ଦେଇଥିବା ବ୍ୟକ୍ତି ୩ଥର ଅସ୍ଥି ଚାରିପଟେ ବୁଲିସାରିବା ପରେ ବାମହାତରେ କେନ୍ଦୁଡାଳ ଧରି କଳସୀଟି ଭାଙ୍ଗିଥାନ୍ତି ଓ ଅସ୍ଥିକୁ ଧରି ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ସହ ଅସ୍ଥି ବିସର୍ଜନ ପାଇଁ ଦାମୋଦର ଘାଟରେ ଏକତ୍ରିତ ହୋଇଥାନ୍ତି। ମେଳାରେ ଲଣ୍ଡା ହୋଇ ନଦୀଜଳରେ ସ୍ନାନକରି ହାତରେ ବାଲିବେଦୀ କରି ଅସ୍ଥି ସ୍ଥାପନ କରି ପଞ୍ଚମୁନୀ ଭୋଗ ଲଗାଇ ଅସ୍ଥି ବିସର୍ଜନ କରନ୍ତି। ଏହି ସମୟରେ ନୂଆଲୁଗା ବଦଳରେ କୁକୁଡା କିମ୍ବା ଛେଳି ଦାନ ଆକାରରେ ମିଳିଥାଏ। ଘରକୁ ପ୍ରତ୍ୟାବର୍ତ୍ତନ କରି ଗ୍ରାମର ପ୍ରବେଶ ପଥରେ ଦାନ ପାଇଥିବା କୁକୁଡା ବା ଛେଳିକୁ ବଳି ଦେବା ସହ ହାଣ୍ଡିଆ ପୂଜା କରିଥାନ୍ତି। ନିକଟସ୍ଥ ଖୋଲା ସ୍ଥାନରେ ସମସ୍ତେ ଏକତ୍ରିତ ହୋଇ ସମୂହ ଭୋଜନ କଲାପରେ ଘରେ ପ୍ରବେଶ କରନ୍ତି। ଘରର ଝିଅ ବୋହୂ ମାନେ ହଳଦୀ ପାଣିରେ ଗୋଡ ଧୋଇ ଦାମୋଦର ମେଳାରୁ ଆଣିଥିବା ତିଳଉ ଭୋଗକୁ ବାଣ୍ଟିଥାନ୍ତି। ଏହି ଯାତ୍ରାରେ ପାରମ୍ପରିକ ବେଶ, ପୋଷାକ, ନୃତ୍ୟ, ଗୀତ ଗାଇ ଅସ୍ଥିକୁ ଧରି ସୁନାମୁହିଁ ଘାଟରେ ପହଞ୍ଚିଥିଲେ। ଲକ୍ଷାଧିକ ଜନସମାଗମ ଯୋଗୁଁ ସ୍ଥାନଟି ଲୋକାରଣ୍ୟ ହୋଇପଡିଛି। ଦାନ ପାଇଁ ବିଭିନ୍ନ ଜିନିଷକୁ ଭାର ସାହାଯ୍ୟରେ ବୋହି ତ୍ରିବେଣୀ ଘାଟରେ ପହଞ୍ଚିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ ପୁଲିସ ସଜାଗ ରହିଛି। ବାରିପଦା ପୌରପରିଷଦ ଓ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅସ୍ଥି ବିସର୍ଜନସ୍ଥଳକୁ ଯାତାୟାତ ନିମନ୍ତେ ନଦୀ ଉପରେ ଏକ ଅସ୍ଥାୟୀ ପୋଲ ସହ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଆଲୋକୀକରଣ, ୱାଚ ଟାୱାର, ବିଶ୍ରାମାଗାର ଆଦି ବ୍ୟବସ୍ଥା କରାଯାଇଛି। ସେହିପରି ନଦୀପଠାକୁ ଯାତାୟାତ ନିମନ୍ତେ ରହିଥିବା ମୁଖ୍ୟରାସ୍ତାକୁ ଭଲ ଭାବରେ ପରିଷ୍କାର କରି ବଳିଚିଂ ପକାଯାଇଛି। ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପୁଲିସ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ହୋଇଛି। ଏଥି ସହିତ ଭିଡ଼ ନିୟନ୍ତ୍ରଣ ପାଇଁ ୧ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏଥି ସହିତ ସୁରକ୍ଷା ପାଇଁ ଅଗ୍ନିଶମ ବାହିନୀ ମଧ୍ୟ ଗାଡି ସହ ନିୟୋଜିତ ହୋଇଛନ୍ତି।

- **ତିନି ଦିନ ଧରି ହେବ ତିଳତର୍ପଣ**
- **ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା**





**ବେତନଟୀ:** ମକରସଂକ୍ରାନ୍ତିର ଦୁଇଦିନ ପରେ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ପିତୃପୁରୁଷ ଏବଂ ସ୍ୱର୍ଗୀୟ ଆତ୍ମୀୟଙ୍କ ଅସ୍ଥିବିସର୍ଜନ, ପୀଣ୍ଡଦାନ ଏବଂ ତିଳତର୍ପଣ ପାଇଁ ଦାମୋଦରଯାତ୍ରା କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀରେ ମଧ୍ୟ ଶହଶହ ଆଦିବାସୀ ଲୋକ ଦାମୋଦରଯାତ୍ରା କରିଛନ୍ତି। ବାରିପଦା ଉପକଣ୍ଠ ବୁଢାବଳଙ୍ଗ ନଦୀପଠାରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇଥାନ୍ତି। ବର୍ଷତମାମ ମୃତ୍ୟୁବରଣ କରିଥିବା ଆତ୍ମୀୟସ୍ୱଜନଙ୍କ ଅସ୍ଥିକୁ ସଂଗ୍ରହକରି ରଖାଯାଇଥିବା ବେଳେ ମକର ସଂକ୍ରାନ୍ତିର ଦୁଇଦିନ ପରେ ଦାମୋଦରଯାତ୍ରା କରି ନଦୀରେ ଅସ୍ଥିବିସର୍ଜନ କରିଥାନ୍ତି। ଏହି ଅବସରରେ ପିତୃପୁରୁଷଙ୍କୁ ପୀଣ୍ଡଦାନ କରିବା ସହିତ ନଦୀରେ ତିଳତର୍ପଣ ପ୍ରଦାନ ପୂର୍ବକ ଆତ୍ମାର ଶାନ୍ତି ଏବଂ ସଦଗତି ପାଇଁ ପୂଜାର୍ଚ୍ଚନା କରିଥାନ୍ତି। ତେବେ ବୁଧବାର ବେତନଟୀ, ସଠିଲୋ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଗାଁ ମାନଙ୍କରୁ ଶହଶହ ଲୋକ ଦାମୋଦରଯାତ୍ରା କରିଛନ୍ତି।

## ଯୁବତୀଙ୍କୁ ଅସଦାଚରଣ; ଯୁବକ ଗିରଫ

**କଳାବାଡିଆ,୧୭।୧(ସମିସ):** ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଯୁବତୀ ଜଣକ ପୋଖରୀରେ ଗାଧୋଉଥିବାବେଳେ ଏକୁଟିଆ ପାଇ ଯୁବକ ଜଣକ ମାଡ଼ି ବସି କ୍ଷତାକ୍ତ କରିଥିଲେ। ପରେ ଯୁବତୀଙ୍କ ପାଟିଶୁଣି ତାଙ୍କ ଭାଇ ସହିତ ଜଣେ ଗ୍ରାମର କିଛି ଯୁବକ ପହଞ୍ଚି ଉଦ୍ଧାର କରିଥିଲେ। ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତ ଯୁବକ ଭରତ ସିଂ (୨୬)କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି।

## ଆଜି ୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବନ୍ଦ

**ବେତନଟୀ, ୧୭ ।୧(ସମିସ):** ଗୁରୁବାର ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୪ଘଣ୍ଟା ପାଇଁ ମରାମତି ନିମନ୍ତେ ବେତନଟୀ, ବୈଶିଙ୍ଗା, ମାଣତ୍ରୀ, କୋଚିଲାଖୁଣ୍ଟା ସମେତ ବରକନ୍ଦ ଏବଂ ରାସଗୋବିନ୍ଦପୁର ସବଷ୍ଟେସନ ଅଞ୍ଚଳ;। ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ ଟାଟାପାୱାର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବା ସହିତ ଉପଭୋକ୍ତା ତଥା ଗ୍ରାହକଙ୍କ ସହଯୋଗ ପାଇଁ ନିବେଦନ କରାଯାଇଛି।

## କ୍ରିକେଟ୍ ମ୍ୟାଚ ଉଦ୍‌ଯାପିତ

**କୁଳିଅଣା, ୧୭।୧(ସମିସ):** କରକଚିଆ କ୍ଲବ୍ ଆନୁକୂଲ୍ୟରେ ୩୧ତମ ମକର ମେଳା ଅନୁଷ୍ଠିତ ହେବା ସହିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ ହୋଇଯାଇଛି। ଯୁଧିଷ୍ଠିର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଟିଡିଆର୍‌ପି କ୍ଲବ୍ ଦରଦରା ବନାମ ଏମ୍‌ଏସ୍ ବଇଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଇଦପୁର ୧୨ ଓଭରରେ ୧୩୦ ରନ କରିଥିବାବେଳେ ଦରଦରା ୯ ଓଭରରେ ୨ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ନେଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍‌ଭାବେ ଗୋବର୍ଦ୍ଧନ ନାଏକଙ୍କୁ ବିବେଚିତ କରାଯାଇଥିଲା। କ୍ଲବ୍ ସଭାପତି ବିଭୀଷଣ ମହାନ୍ତ ଓ ସମ୍ପାଦକ କାର୍ତ୍ତିକନାଥ ସିଂ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସୀତାରାମ ମାର୍ଣ୍ଡି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରାଇରଙ୍ଗପୁର,୧୭ ।୧(ସମିସ):** ପୁରୁଣାପାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସମାଜସେବୀ ପରେଶଚନ୍ଦ୍ର ମହାନ୍ତ (୬୧)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଦୀର୍ଘବର୍ଷ ଧରି ସମାଜସେବାରେ ନିୟୋଜିତ ଥିଲେ। ସରପଞ୍ଚ ଥିବା ସମୟରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ୧୯୮୪ ମସିହାରେ ରାଇରଙ୍ଗପୁର ବ୍ଲକ ପୁରୁଣାପାଣି ସରପଞ୍ଚ ରୂପେ ନିର୍ବାଚିତ ହୋଇଥିଲେ।

## ବରିଷ୍ଠ ସାମ୍ବାଦିକଙ୍କ ଶ୍ରାଦ୍ଧବାର୍ଷିକୀ

**ବାରିପଦା, ୧୭ ।୧(ସମିସ):** ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ। ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଏହି ଅବସରରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକ ସତ୍ୟଜିତ ସୋମ, ସୁକାନ୍ତ କୁମାର ସାହୁ, ମନୋଜ କୁମାର ପଣ୍ଡା, ଅକ୍ଷୟ ଅଗ୍ରୱାଲ, ଦୀପକ କୁମାର ନାୟକ, ପ୍ରୟାଗରାଜ କର, ପ୍ରିୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଏଥି ସହିତ ନିଳାଦ୍ରୀ ବିହାରୀ ଦଣ୍ଡପାଟ, ତପନ ମହାନ୍ତି, ମୃତ୍ୟୁଞ୍ଜୟ ସେନାପତି, ଶାନ୍ତନୁ କୁମାର ପଣ୍ଡା, ବିଶ୍ୱଜିତ ଭୂୟାଁ, ଦେବେନ୍ଦ୍ର ନାଥ ଦାଶ, ଲଳିତ କୁମାର ବାରିକ ଓ ଅଭିଷେକ ଖୁଣ୍ଟିଆ ପ୍ରମୁଖ ସ୍ମୃତିଚାରଣ କରିଥିଲେ।



## ଖଣ୍ଡିହୁଡ଼ି ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

**ଉଦଳା, ୧୭।୧(ସମିସ) :** ଉଦଳା ନିକଟ ଖଣ୍ଡିହୁଡ଼ି ତାରିଣୀ ମନ୍ଦିରର ତ୍ରୟୋଦଶ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦଘାଟିତ ହୋଇଛି। ରୀତିନୀତି ଅନୁସାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଦେଓ ନଦୀରୁ ଘଟ ଉତ୍ତୋଳନ ପୂର୍ବକ ଘଟଯାତ୍ରାରେ ଆସି ମନ୍ଦିରରେ ପହଞ୍ଚିଥିଲେ। ପରେ ଯଜ୍ଞ ଆରମ୍ଭ ହୋଇଥିଲା। 'ତିନିଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ମାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥାନ୍ତି। ପ୍ରଥମ ଦିବସରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଯାଇଛି।'ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମନ୍ଦିର ଉନ୍ନୟନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ପ୍ରତିଷ୍ଠା ଉତ୍ସବକୁ ବିଶ୍ୱନାଥ ବେହେରା, ଶ୍ରୀବତ୍ସ କଲିଆ, ନରେନ୍ଦ୍ର ମୋହନ ଜେନା, ସରୋଜ ସାମଲ, ସୁଶାନ୍ତ ସାମଲ, ଅନାଦି ନାୟକ, ହରିଶ୍ଚନ୍ଦ୍ର ଦାସ, ତପନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ବାରିପଦାରେ ପ୍ରଥମ ପ୍ରେମକାଲ ଯୋଗ କ୍ଲିନିକ ଉଦ୍‌ଘାଟିତ

**ବାରିପଦା, ୧୭ ।୧(ସମିସ):**ବାରିପଦା ସହରରେ ଦେବେନ୍ଦ୍ରପୁରଠାରେ ପ୍ରଥମଥର ଯୋଗ କ୍ଲିନିକ ପ୍ରେମକାଲ ଯୋଗ ମନ୍ଦିର' ଉଦଘାଟିତ ହୋଇଯାଇଛି। ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ଉଦଘାଟନ କରିଥିଲେ। ସଚ୍ଚିଦାନନ୍ଦ ଗୁରୁକୁଳର ଅଧ୍ୟକ୍ଷ ଅଜିତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ରବୀନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପୁଲିସ ଅଧିକ୍ଷ ଦୁର୍ଗାପ୍ରସାଦ ମିଶ୍ର, ସାମ୍ବାଦିକ ସଞ୍ଜୟ ଚୌଧୁରୀ, ଭାରତୀ ମହାନ୍ତ ଯୋଗ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଧର ପରିଡା, ସମାଜସେବୀ ଆଶିଷ ହୋତା ପ୍ରମୁଖ ଯୋଗର ଉପକାର ବିଷୟରେ ସୂଚନା ଦେଇଥିଲେ। ଉତ୍ତରାଖଣ୍ଡ ବିଶ୍ୱବିଦ୍ୟାଳୟ ହରିଦ୍ୱାରରେ ଯୋଗରେ ସ୍ନାତକ ପରେ, ଗୋରଖପୁର ଉତ୍ତରପ୍ରଦେଶ ସ୍ଥିତ ଆରଗ୍ୟ ମନ୍ଦିରରୁ ଯୋଗରେ ଡାକ୍ତରୀ ପାଠ ପଢି, ଆମେରିକାସ୍ଥିତ ଯୋଗ ୱେଲନେସ୍‌ରୁ ଯୋଗ ଶିକ୍ଷକର ପ୍ରଶିକ୍ଷଣ ନେଇ ଥିବା ଯୋଗୀରାଜ ରାକେଶ ମହାନ୍ତ ଉକ୍ତ ଯୋଗ କ୍ଲିନିକରେ ବିଭିନ୍ନ ଯୋଗ ମାଧ୍ୟମରେ ଚିକିତ୍ସା ଯୋଗାଇଦେବେ। ପ୍ରତିଦିନ ସକାଳ ୬ରୁ ୭ ସାମୂହିକ ଯୋଗ ଚିକିତ୍ସା, ଦିନ ୧୦ଟାରୁ ୧୨ଟା ଓ ଅପରାହ୍ନ ୩ଟାରୁ ୫ଟା ପ୍ରଯ୍ୟନ୍ତ ବ୍ୟକ୍ତିଗତ ଚିକିତ୍ସା କରାଯିବ ବୋଲି ଯୋଗୀରାଜ ରାକେଶ ସୂଚନା ଦେଇଛନ୍ତି। ସମାଜସେବୀ ଚନ୍ଦନ ଶେଜପଡା, ଓଆରଡି ଅଧ୍ୟକ୍ଷ ସାଇପ୍ରକାଶ ମହାନ୍ତି, ଡା ସୁନନ୍ଦନ ମିଶ୍ର, ପ୍ରବୀର ମହାନ୍ତ, ସଂଜିତ ମହାନ୍ତ, ଅଶୋକ ପାଇକରାୟ, ବିଷ୍ଣୁପଦ ବେରା, ସବ୍ୟସାଚୀ ପଲେଇ, ସପନ ମହାନ୍ତ, ତପନ ମହାନ୍ତ, ହିମାଂଶୁ ପାଣି, ବୈଦ୍ୟ ମନୋରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ତେଣ୍ଟପୋଷିରେ ଟୁସୁ ମେଳା; କେନ୍ଦୁଡିହା ଶ୍ରେଷ୍ଠ ଦଳ

**ରାଇରଙ୍ଗପୁର/ଉପରବେଡା,୧୭ ।୧(ସମିସ):** ଚଳିତ ବର୍ଷ ତେଣ୍ଟପୋଷି ଗ୍ରାମରେ ଗଜଲକ୍ଷ୍ମୀ କ୍ଲବ ପକ୍ଷରୁ ଟୁସୁ ମେଳା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସାହେବ ସି ଯୋଗଦେଇ ଥିଲେ। ଏହି ମେଳା ୩୪ ବର୍ଷ ହେଲା ତେଣ୍ଟପୋଷି ଗ୍ରାମରେ ଅନୁଷ୍ଠିତ ଆନନ୍ଦଉଲ୍ଲାସ ଏବଂ ଶୃଙ୍ଖଳିତ ଭାବେ ପାଳିତ ହେଉଛି। ସେହିପରି ଉପରବେଡା ସୀମା ମଧ୍ୟରେ ଥିବା କାଶୀକୁଦର ଘାଟରେ ୧୯୫୦ରୁ ୧୯୭୦ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଟୁସୁ ମେଳା ଅନୁଷ୍ଠିତ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ, ତେଣ୍ଟପୋଷି ଗ୍ରାମର ଜଳେଶ୍ୱର ମହାଦେବଙ୍କ ଆସ୍ଥାନ ନିକଟରେ ଥିବା କାହ୍ନୁ ନଦୀରେ ଡମନୀ ଦରହଖ ସ୍ଥାନ ଟୁସୁ ମିଳନର ଆଦ୍ୟସ୍ଥଳ ଥିଲା। ବର୍ତ୍ତମାନ ବାଲିଆଡିପା ଓ ତେଣ୍ଟପୋଷି ଟୁସୁ ମିଳନର ଏକ ପ୍ରମୁଖ ସ୍ଥଳଭାବେ ପରିଚିତ। ଏହି ଗ୍ରାମର ଐତିହାସିକ ପରମ୍ପରା ଓ ସଂସ୍କୃତି ଅନନ୍ୟ ରହିଛି। ଅତୀତରେ ଏହା ତେଣ୍ଟଗୋଡ ନାମରେ ନାମିତ ଥିଲା। ରାଜାଙ୍କ ରାଜଭବନ ଥିଲା। ରାଜାତୋପା, ଘରବାଡି, ଡିଣ୍ଡାକୁମାରୀ ଛକ, ଖଣ୍ଡାଡେରା ଆଦି ସ୍ଥାନ ଏବଂ ପାଞ୍ଚଟି ପୁଷ୍କରିଣୀ, ସମଗ୍ର ପ୍ରାନ୍ତର ଆଦି ବିଗତ ଦିନରେ ସ୍ମୃତି ବହନ କରେ। ମକର ପର୍ବ ଏକ ଆନନ୍ଦ ଉତ୍ସବର ପର୍ବ। ନାରୀ ଜାତି ପ୍ରତି ସ୍ନେହଶ୍ରଦ୍ଧା ସମ୍ମାନର ପ୍ରତୀକ ଟୁସୁ ମେଳା ଭାରତର ସଂସ୍କୃତି, ଐତିହ୍ୟ, ପରମ୍ପରାର ଏକ କାଳଜୟୀ ଅନିର୍ବାଣ ଦୀପଶିଖା ରହିଛି। ଚଳିତ ବର୍ଷ ୩୫ତମ ତେଣ୍ଟପୋଷି ଟୁସୁ ପ୍ରତିଯୋଗିତାରେ ଶ୍ରେଷ୍ଠ ଟୁସୁ ଦଳ ରୂପେ କେନ୍ଦୁଡ଼ିହା ଟୁସୁ ଦଳକୁ କମିଟି ପକ୍ଷରୁ ପ୍ରଥମ ପୁରସ୍କାର, ଦ୍ୱିତୀୟ ପୁରସ୍କାର ଜଶିପୁର ଟୁସୁ ଦଳକୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା, ଉପସଭାପତି ବିଜୟ ବେହେରା, ସମ୍ପାଦକ ଲାଲମୋହନ ବେହେରା, ସହ ସମ୍ପାଦକ ଉପେନ୍ଦ୍ର ବେହେରା ସହିତ ସମ୍ମାନିତ ଅତିଥି ଭାବେ ମହେନ୍ଦ୍ରନାଥ ମୁର୍ମୁ, ଭୁଜୁରାମ ସୋରେନ, ପ୍ରଭାକର ସିଦ୍ଧୁ, ନିର୍ମଳ କୁମାର ବେହେରା ଉପସ୍ଥିତ ଥିଲେ।



## ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ବାରିପଦା, ୧୭ ।୧(ସମିସ):** ନେହରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଆଞ୍ଚଳିକ ପରିବହନ ବିଭାଗର ଏମଭିଆଇ ସାଲଖୁ ମୁର୍ମୁ ଯୋଗ ଦେଇଥିଲେ। ଗାଡି ଚାଳନା ସମୟରେ କିପରି ଟ୍ରାଫିକ ନିୟମ ପାଳନ କରିବାକୁ ପଡିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ୨୫ଜଣ ସ୍ୱେଚ୍ଛାସେବୀ ୫ଦିନ ଧରି ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେବାକୁ ଚୟନ କରିଥିଲେ। ଉକ୍ତ ସ୍ୱେଚ୍ଛାସେବୀମାନେ ବାରିପଦା ସହରର ବାଲେଶ୍ୱର ଗୋଳେଇ, ବଡ଼ବଜାର, ଦାରୋଗାଡାହି ଗୋଳେଇ ଆଦି ସ୍ଥାନରେ ସଚେତନତା ସୃଷ୍ଟି କରିଥିଲେ। ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ରାକ୍ଷୀ ପୂର୍ଣ୍ଣିମା ଭଞ୍ଜଦେଓ, ଅଭିଷେକ ବେହେରା ଏବଂ ସାଇ ରଞ୍ଜନ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

### ସ୍ମୃତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ଲୋକାର୍ପିତ ହେଲା ପ୍ରତିଚିତ୍ର କଳାକୃତି

**ବାରିପଦା, ୧୭ ।୧(ସମିସ)**






ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ବୁଧବାର ଲୋକାର୍ପଣ ହୋଇଛି। ଓଡ଼ିଶା ସମେତ ଶ୍ରୀମନ୍ଦିର ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଥିବାବେଳେ ଲୋକାର୍ପଣ ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ଉକ୍ତ ଭବ୍ୟ ଆୟୋଜନର ସ୍ମୃତିକୁ ଉଜ୍ଜିବୀତ ରଖିବା ପାଇଁ ବାରିପଦା ପୌର ପରିଷଦ ପକ୍ଷରୁ ପ୍ରୟାସ କରାଯାଇଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାରେ ପରିକ୍ରମା ପ୍ରକଳ୍ପର ସ୍ମୃତିରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ପ୍ରତିଚିତ୍ର କଳାକୃତି ଲୋକାର୍ପିତ କରାଯାଇଛି; ଯାହାକି ସଦା ସର୍ବଦା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ମୃତି ବହନ କରିବ। ଜଗନ୍ନାଥ ଛକରେ ବୁଧବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରତିଚିତ୍ର ଲୋକାର୍ପଣ ହେବା ସହ ରଥଯାତ୍ରାର ଚିତ୍ର ଏବଂ କାଞ୍ଚି ବିଜୟ ଯାତ୍ରାର ଚିତ୍ରକୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଲୋକାର୍ପଣ କରିଛନ୍ତି। ଏଥିସହିତ ଜୟ ଜଗନ୍ନାଥ ଲେଖାଥିବା ସେଲ୍ଫି ପଏଣ୍ଟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରାୟ ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଉକ୍ତ ସୌନ୍ଦର୍ଯ୍ୟ କଳାକୃତି କରାଯାଇଛି। ଯେଉଁଥିରେ କି ଶ୍ରୀ ମନ୍ଦିରର ସଦୃଶ୍ୟ ଚିତ୍ର ପଥର ଖଚିତ କଳାକୃତି ସ୍ଥାନ ପାଇଛି। ବାରିପଦା ସହରକୁ ପ୍ରବେଶ ପଥ ତଥା ସହର ମଧ୍ୟବର୍ତ୍ତୀ ସ୍ଥାନରେ ଉକ୍ତ କଳାକୃତି ସ୍ଥାନ ପାଇଛି। ଯାହାକି ଅତି ରମଣୀୟ ଦେଖାଯାଉଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତାଧାରାରେ ମୁକ୍ତା ଯୋଜନାରେ ରୂପାନ୍ତରଣ ପ୍ରକ୍ରିୟାରେ ବାରିପଦା ସହର ବର୍ଷକ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି। ସମଗ୍ର ସହରକୁ ନୂତନ ରୂପ ଦେବାକୁ ଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ପୋଖରୀ, ପାର୍କ, ଚଲାପଥ, ପାର୍କିଂ ଓ ସ୍ୱଚ୍ଛତା ପାଇଁ ପ୍ରକଳ୍ପ ମାନ ହାତକୁ ନିଆଯାଇଛି। ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଗକୁ ବାକି ପ୍ରକଳ୍ପ ଶେଷ ହେବ। ସହରର ଅନ ସ୍ଥାନରେ ମଧ୍ୟ ବିଭିନ୍ନ କଳାକୃତି କରାଯିବ ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ସମସ୍ତ ୱାର୍ଡ କାଉନସିଲର, ପୌର କର୍ମଚାରୀ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

## ଟାଙ୍ଗରାଶୁଣୀ ମହୋତ୍ସବ ଓ ସାରସ୍ୱତ ସମାରୋହ ଉଦ୍‌ଯାପିତ

# ୯ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

କପ୍ତିପଦା, ୧୭।୧(ସମିସ): ମକର ଉପଲକ୍ଷେ କପ୍ତିପଦା ଉପଖଣ୍ଡର ମା' ଟାଙ୍ଗରାଶୁଣୀ ଶକ୍ତିପୀଠରେ ଟାଙ୍ଗରାଶୁଣୀ ମହୋତ୍ସବ-୨୦୨୪ ଏବଂ ୩୦ତମ ରାଜ୍ୟସ୍ତରୀୟ ମକର ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦଳା ନଗରପାଳିକା କବୟିତ୍ରୀ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମକୁ




ଉଦ୍‌ଘାଟନ କରିଥିଲେ। ବାଲେଶ୍ୱରର ଚେତନା ସାହିତ୍ୟର ସମ୍ପାଦକ ସୁ-ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ମଡେଇ ମକର ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହିତ ଝୁମର ଗୀତଗାଇ ସମସ୍ତଙ୍କ ମନ ଜିଣିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ବଣମଲ୍ଲୀର ସମ୍ପାଦକ ପ୍ରଭାତ ଆଚାର୍ଯ୍ୟ ମକର ପର୍ବର ଐତିହ୍ୟ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ବାଣୀପୀଠର ମୁଖ୍ୟ ଡ.କୁମାର ବାବୁଲି, ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଡ.କୁମାର ଗୋପାଳ, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ତଥା ଶିଶୁ ପତ୍ରିକା 'ରୁପା କଣ୍ଢେଇ'ର ସମ୍ପାଦକ ନାଟ୍ୟକାର ଗୋପୀନାଥ ଗନ୍ତାୟତ, ଏସସିବି କଲେଜର ଅଧ୍ୟକ୍ଷା ଓ କବୟିତ୍ରୀ ଡ. ଅସୀମା ସାହୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ସୁସାହିତ୍ୟିକ ଅଜିତ ପାତ୍ର ପ୍ରମୁଖ ଯୋଗଦେଇ ଦିବଂଗତ ସାରସ୍ୱତ ସାଧକ ଅଧ୍ୟାପକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

ଆୟୋଜକ ପ୍ରଶାନ୍ତ ସ୍ମୃତି ପରିଷଦ ତରଫରୁ ମକରଯାତ୍ରା ପାଇଁ ଉଦ୍ଦିଷ୍ଟ 'ମକରବାର୍ତ୍ତା-୨୦୨୪'କୁ ଉପସ୍ଥାପନା କରିଥିଲେ। ସ୍ଥାନୀୟ କଳା ସଂସ୍କୃତି ପ୍ରେମୀ ସତିଶ୍ ଚନ୍ଦ୍ର ବେହେରା। ଏହି ଅବସରରେ କରୁଣାକର ଦାସ, ପବିତ୍ର ବେହେରା, ସର୍ବେଶ୍ୱର ମହାପାତ୍ର ବାସୁଦେବ ନାପିତ, ଡ. କୁମାର ବାବୁଲି, ସୂର୍ଯ୍ୟକାନ୍ତି ପୁହାଣ, ନିରୋଦ ସୁନ୍ଦର ଜେନା, ହେମଲତା ଶଙ୍ଖୁଆ, ଅବନ୍ତୀ ବେହେରା, ଚନ୍ଦନ ମହାନ୍ତି, ବ୍ୟଙ୍ଗକବି ପ୍ରଭାକର ସାହୁ, ଅବନୀକାନ୍ତ ଗିରି, ସୁପ୍ରଭା ସାହୁ ପ୍ରମୁଖ କବିତା ପାଠ କରିଥିଲେ।

ବର୍ଷୀୟାନ କବି ଶିକ୍ଷାବିତ ଅନିରୁଦ୍ଧ ମହାନ୍ତିଙ୍କ ସ୍ୱରଚିତ ପୁସ୍ତକ 'କବିତା କୁସୁମ'କୁ କିଶୋର ଚନ୍ଦ୍ର ଦାସବାବୁ, ପ୍ରଫୁଲ୍ଲ ମାହାଳିକ, ପ୍ରଫୁଲ୍ଲ ଖିଲାର, ମନୋରଞ୍ଜନ ମଲ୍ଲିକ, ଦୀଲ୍ଲିପ କୁମାର ଭୋଇ ପ୍ରମୁଖ ଉନ୍ମୋଚନ କରିଥିଲେ। ସେହିପରି ପ୍ରତିଭା ପୂଜନ ପର୍ବ-୨୦୨୪ରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯତୀନ୍ଦ୍ର ନାଥ ସାହୁଙ୍କୁ ରାଜ୍ୟ ସ୍ତରୀୟ ମକର ମିଳନ ଓ ସାହିତ୍ୟ ସମ୍ମାନ, ଭରତ ଚରଣଙ୍କୁ ମା' ଟାଙ୍ଗରାଶୁଣୀ ସମ୍ମାନ, ଇନ୍ଦ୍ରମଣି ବିନ୍ଧାଣୀ, ସମୀବୃକ୍ଷ ସମ୍ମାନ, ସନ୍ନ୍ୟାସୀ ପାତ୍ରଙ୍କୁ ଟାଙ୍ଗିରିଆ ସମ୍ମାନ, ଅନିରୁଦ୍ଧ ମହାନ୍ତିଙ୍କୁ ଉଦାଳକ ସମ୍ମାନ, ଡ. ମନୋରଞ୍ଜନ ମଲ୍ଲିକଙ୍କୁ ନଚିକେତା ସମ୍ମାନ, ସୁଶୀଳା ତିରିଆଙ୍କୁ କନ୍ୟାଶ୍ରୀ ସମ୍ମାନ, ଡ. ଅବନୀକାନ୍ତ ଗିରିଙ୍କୁ ଉତ୍ତରା ପ୍ରକାଶନୀ ପୁସ୍ତକ ସମ୍ମାନ, ରବିକାନ୍ତ ମହାପାତ୍ରଙ୍କୁ ଡିଜିଟାଲ ସାହିତ୍ୟ ଆସର 'ଶେଷ ରବିବାର' ସମ୍ମାନ, ଚିନ୍ତାମଣି ବେହେରାଙ୍କୁ ଭାସ୍କର ସମ୍ମାନ ପ୍ରଦାନ କରାଯାଇଛି। ସମ୍ପାଦକ ଇଂ. ସୁଶାନ୍ତ ବେହେରା ସଞ୍ଚାଳନ କରିବା ସହ ସମାଜସେବୀ ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୁସୁ ପ୍ରତିଯୋଗିତା ଉଦ୍‌ଯାପିତ; ନିଶ୍ଚିନ୍ତା ସିଂ ସାହି ପ୍ରଥମ




ବାଙ୍ଗିରିପୋଷି, ୧୭।୧(ସମିସ): ବାଙ୍ଗିରିପୋଷି ପଞ୍ଚାୟତ ଅନ୍ତର୍ଗତ କାଳିଆମି ଗ୍ରାମର ମାହାଲି ସାହି ଯୁବକ ସଂଘ ଆନୁକୂଲ୍ୟରେ ବୁଢ଼ାବଳଙ୍ଗ ନଦୀ ତଟରେ ଟୁସୁ ମୂର୍ତ୍ତିକୁ ନେଇ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ମାନଗଡ଼ ଟୁସୁ କମିଟି, ଚୁଆପାଣି ଟୁସୁ କମିଟି, ନିଶ୍ଚିନ୍ତା ନୁଆ ସାହି, ନିଶ୍ଚିନ୍ତା ସିଂ ସାହି, ନିଶ୍ଚିନ୍ତା ଶୁଣ୍ଡିସାହି, ମାନଭଞ୍ଜ ଟୁସୁ କମିଟି, ଅସନବଣି ଟୁସୁ କମିଟି ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ଟୁସୁ ପ୍ରତିମା ଭାବରେ ନିଶ୍ଚିନ୍ତା ପଞ୍ଚାୟତର ସିଂସାହି ଟୁସୁ କମିଟି, ଦ୍ୱିତୀୟ ବିଜେତା ଭାବେ ନିଶ୍ଚିନ୍ତା ପଞ୍ଚାୟତର ମହାକୁଡ ସାହି ଟୁସୁ କମିଟି ଏବଂ ତୃତୀୟ ବିଜେତା ଭାବେ ଅସନବଣି ଟୁସୁ କମିଟିକୁ ଅନୁଷ୍ଠାନର ସଦସ୍ୟ ଏବଂ ଅତିଥିଙ୍କ ଦ୍ୱାରା ଚୟନ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ସୁଗଦା ମୁର୍ମୁ ଯୋଗ ଦେଇ ପ୍ରଥମ ବିଜେତା ଭାବେ ନିଶ୍ଚିନ୍ତା ପଞ୍ଚାୟତର ସିଂ ସାହି ଟୁସୁ କମିଟିକୁ ୬ ହଜାର ଟଙ୍କା, କାଳିଆମି ଗ୍ରାମର ଶମ୍ଭୁନାଥ ସିଂ ଦ୍ୱିତୀୟ ବିଜେତା ଭାବେ ନିଶ୍ଚିନ୍ତା ପଞ୍ଚାୟତର ମହାକୁଡ ସାହି ଟୁସୁ କମିଟିକୁ ୪୫୦୦ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ସିଂ, ନିଶ୍ଚିନ୍ତା ସରପଞ୍ଚ ଶୁକ୍ରା ସିଂ ତୃତୀୟ ବିଜେତା ଭାବେ ଅସନବଣି ଟୁସୁ କମିଟି ୩୫୦୦ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ୫ଟି ପ୍ରତିଯୋଗୀଙ୍କୁ ମଧ୍ୟ ସାନ୍ତ୍ୱନାମୂଳକଭାବେ ଏକ ହଜାର ଟଙ୍କା ଲେଖାଏଁ ପୁରସ୍କୃତ ରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଦୋଳଗୋବିନ୍ଦ ବେହେରା, ଗଣେଶ ଚନ୍ଦ୍ର ମହାନ୍ତ, ରବୀନ୍ଦ୍ର ନାଥ ମହାନ୍ତ, ପ୍ରମେଶ୍ୱର ମାହାଲି, ବୁଧୁରାମ ମାହାଲି, ପୂର୍ଣ୍ଣ ମାହାଲି, ବୁଧୁରାମ ସିଂ, ଅମିତ ମହାନ୍ତ, ପିତାରାମ ମାହାଲି, ବିଶ୍ୱଜିତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଟୁସୁ ଗୀତ ସହିତ ମାଦଳ ବାଦ୍ୟର ତାଳେ ତାଳେ ଟୁସୁ ପ୍ରତିମା ବିସର୍ଜନ ଅପୂର୍ବ ମନୋହର ପରିବେଶ ସୃଷ୍ଟି କରିଥିଲା।

## ମକରରେ କ୍ରୀଡ଼ା ପ୍ରତିଯୋଗିତା

ବଡ଼ଡାଲିମା/ ତିରିଙ୍ଗ, ୧୭।୧(ସମିସ): ମକର ସଂକ୍ରାନ୍ତି ଉପଲକ୍ଷେ ବଡ଼ଡାଲିମା ଟୋଟାଲ ସିଟି ପରିସରରେ ଗ୍ରାମ୍ୟ ପିଲାଙ୍କୁ ନେଇ ଏକ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର କୁମାର ଲାମାୟଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ଚକ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ଅଜୟ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଖେଳ ଆୟୋଜିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ମହାପାତ୍ର, ସୂରଜ ସାହୁ, ଜ୍ୟୋତିପ୍ରକାଶ ସାହୁ, ଅର୍ଜୁନ ସାହୁ, ମନୋଜ କୁମାର ସାହୁ, ସାଲଖୁ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାମ୍ବାଦିକ ସୁବ୍ରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟବନ୍ଧରେ ପାଣି ପଞ୍ଚାୟତ ପକ୍ଷ ପାଳିତ

ଉଦଳା, ୧୭।୧(ସମିସ): ଗତ ୧୬ ତାରିଖରୁ ଆସନ୍ତା ୩୦ ପର୍ଯ୍ୟନ୍ତ ଉଦଳା ବ୍ଲକ ରାଡୋ ନିକଟ ଜୟବନ୍ଧରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଆୟୋଜିତ ଏକ ସଭାରେ ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଡେଇ ଯୋଗଦେଇ ପାଣି ପଞ୍ଚାୟତର ଭୂମିକା ଏବଂ ରାଜ୍ୟ ସରକାରଙ୍କ କୃଷି ବିକାଶ ଯୋଜନାକୁ ପ୍ରଶଂସା ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକ ବିକାଶ ଯୋଜନାକୁ ଲୋକାଭିମୁଖୀ କରିଥିବାରୁ ଏହାର ସୁଯୋଗ ନେବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପଦ ଗନ୍ତାୟତ, ଜିଲ୍ଲା ପରିଷଦ ସଦସ୍ୟା ଲଳିତା ବିଶୋଇ, ଇଂ. ସୁଶାନ୍ତି ସିଂ, ଓପିଆଇପିର ମୁଖ୍ୟ ଆମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମଳାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




## ହଳଦା ଖଡ଼ଖାଇ ନଦୀକୂଳରେ ଟୁସୁ ପରବ ପାଳିତ



ରାଇରଙ୍ଗପୁର, ୧୭।୧(ସମିସ): ସହର ନିକଟ ହଳଦା ଗ୍ରାମର ଖଡଖାଇ ନଦୀକୂଳରେ ଅବସ୍ଥିତ ଚାକଦର ଗଣ୍ଡ ପାଖରେ ଟୁସୁ ପରବ କମିଟି ଆନୁକୂଲ୍ୟରେ ଚଳିତ ବର୍ଷର ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମକର ମେଳା ଦୀର୍ଘ ୨୨ ବର୍ଷ ଧରି ଧୂମଧାମରେ ପାଳିତ ହେଉଛି। ହଳଦା ପଞ୍ଚାୟତ ସମେତ ରାଇରଙ୍ଗପୁର ସହର ଆଖପାଖ ଗାଁରୁ ଶହଶହ ଲୋକଙ୍କ ଜନସମାଗମ ଏହି ମେଳାରେ ହୋଇଥାଏ। ଚାକଦର ଟୁସୁ ପରବ କମିଟିର ପ୍ରତିଷ୍ଠାତା ସଦସ୍ୟ ମନୋଜ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମକରମେଳାରେ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠିତ ଭାବେ ମିଳିତ ହୋଇ ଏଭଳି ଭବ୍ୟ ମକରମେଳା ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ପୌର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଯୋଗଦେଇ ମକରମେଳାର ଆୟୋଜନ ପରସ୍ପର ଭିତରେ ଭାଇଚାରାର ସମ୍ପର୍କକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ତୁଲାଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ହଳଦା ସରପଞ୍ଚ ପ୍ରଭାସ ରଞ୍ଜନ ହାଁସଦା ଏବଂ ନାଏବ ସରପଞ୍ଚ ସତ୍ୟବତୀ ମହାନ୍ତ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ଗୋପ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଚାକଦର ଟୁସୁ ପରବ କମିଟିର ଉପସଭାପତି ସନ୍ତୋଷ କୈବର୍ତ୍ତ, ସମ୍ପାଦକ ତପନ ଗୋପ୍, ସହସମ୍ପାଦକ ସୁମିତ ଦାସ ଙ୍କ ସହିତ କମିଟିର ସକ୍ରିୟ କର୍ମକର୍ତ୍ତା ପଙ୍କଜ ମହାନ୍ତ, ମୁକେଶ ମହାନ୍ତ, ରାଜେଶ ମହାନ୍ତ, ରବୀନ୍ଦ୍ର ଦାସ, ଭାଗିରଥି ଗୋପ୍, ବାପି ସେଠୀ, ବିଶୁ ଗୋପ୍, ହିତେଶ ସେଠୀ, ଦୀପୁ ଗୋପ୍, ପିଣ୍ଟୁ କୈବର୍ତ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟ ଫାଟକ ନିର୍ମାଣ ଦାବି

ରାଇରଙ୍ଗପୁର, ୧୭।୧(ସମିସ): ଦୀର୍ଘ ଏକବର୍ଷ ହେଲା ଜାମଦା ସରକାରୀ ଉ.ପ୍ରା. ବିଦ୍ୟାଳୟର ଫାଟକଟି ଭାଙ୍ଗିରୁଜିଯାଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଜାମଦା ସରପଞ୍ଚ, ବିଡ଼ିଓଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଇଥିଲେ ସୁଦ୍ଧା ଆଜିଯାଏ ମରାମତି ହୋଇପାରିନି କି ନୂତନ ଫାଟକ ମଧ୍ୟ ନିର୍ମାଣ ହୋଇନାହିଁ। ସୂଚନାଯୋଗ୍ୟ ଯେ ଉକ୍ତ ବିଦ୍ୟାଳୟରେ ୧୭୨ ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ କସ୍ତୁରବା ଗାନ୍ଧୀ ଆବାସିକ ଛାତ୍ରୀ ନିବାସରେ ୧୧୬ ଜଣ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀ ରହୁଛନ୍ତି। ବିଦ୍ୟାଳୟକ ଫାଟକଟି ଭାଙ୍ଗି ଯାଇଥିବାରୁ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନନାହାନ୍ତି। ରାଜ୍ୟରେ ବିଦ୍ୟାଳୟଗୁଡ଼ିକକୁ ସରକାରଙ୍କ ତରଫରୁ ରୂପାନ୍ତରୀକରଣ କରାଯାଉଥିବା ବେଳେ ଜାମଦା ସରକାରୀ ଉ.ପ୍ରା. ବିଦ୍ୟାଳୟ ଏଥିରୁ ବଞ୍ଚିତ ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ଭାଙ୍ଗିଯାଇଥିବା ଫାଟକକୁ ନବୀକରଣ କରିବାକୁ ବିଦ୍ୟାର୍ଥୀ ଏବଂ ଅଭିଭାବକମାନେ ଦାବି କରିଛନ୍ତି।

## ତାଟରେ ମକର ମେଳା ଓ ଟୁସୁ ପ୍ରଦର୍ଶନୀ

କରଞ୍ଜିଆ, ୧୭।୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ତାଟଠାରେ ପବିତ୍ର ମକର ପର୍ବ ନିମନ୍ତେ ମକର ମେଳା ସାଙ୍ଗକୁ କ୍ରୀଡା ପ୍ରତିଯୋଗିତା ଓ ଟୁସୁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର କୁଡୁମୀ ସମ୍ପ୍ରଦାୟର ମହିଳାମାନେ ଟୁସୁ ମୂର୍ତ୍ତି ସୁସଜ୍ଜିତ କରି ବିମାନରେ ମେଳା ପଡ଼ିଆକୁ ଆଣିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଏକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ର ପୂର୍ବତନ ବିଧାୟକ ବିଜୟ କୁମାର ନାଏକ, ସମ୍ମାନିତ ଅତିଥିଭାବେ କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ତାଟ ସରପଞ୍ଚ ଧର୍ମାନନ୍ଦ ନାଏକ, କରଞ୍ଜିଆ ବ୍ଲକ ଉପାଧ୍ୟକ୍ଷ ଛତିସ ଚନ୍ଦ୍ର ମହାନ୍ତ, ଶିକ୍ଷାବିତ ରଞ୍ଜନ କୁମାର ବାରିକ, ଜନାର୍ଦ୍ଦନ ମହାନ୍ତ ବିପିନ ବିହାରୀ ନାଏକ, ଉପଦେଷ୍ଟା ଜାପାନୀ ନାଏକ ଓ ପରମାନନ୍ଦ ନାଏକ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ସହିତ ମହାନ୍ତ ଯୁବତୀମାନେ ନିଜ ସମ୍ପ୍ରଦାୟର ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ ଦେଇଥିଲେ। ପରେ ଶ୍ରେଷ୍ଠ ବିବେଚିତ ଟୁସୁ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାର୍ଷିକ ପାଦପେଣ୍ଟୁ ଉଦ୍‌ଘାଟିତ



ମହୁଲଡିହା, ୧୭।୧ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ହାଇସ୍କୁଲ ପଡ଼ିଆରେ ମାରଂ ବୁରୁ ଯୁବକ ସଂଘ ଆନୁକୂଲ୍ୟରେ ୨୩ତମ ପାଦପେଣ୍ଟୁ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୧୬ ତାରିଖରେ ଆରମ୍ଭ ହୋଇ ୧୮ ରେ ଉଦ୍‌ଯାପିତ ହେବ। ଗ୍ରାମ ମୁଖିଆ ସାଉ ମାର୍ଣ୍ଡି (ମାଝିହାଲାମ୍)ଙ୍କ ଦ୍ୱାରା ଏହି ଖେଳ ଉଦ୍‌ଘାଟିତ ହୋଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଜବାମଣି ଟୁଡୁ ଓ ମହୁଲଡିହା ପଞ୍ଚାୟତ ସରପଞ୍ଚ ଚମ୍ପାବତୀ ଟୁଡୁ ଯୋଗ ଦେଇଥିଲେ। ଉଦଘାଟନୀ ଦିବସରେ ୮ଟି ଦଳ ଭାଗ ନେଇଥିବାବେଳେ ୩ ଦିନରେ ୩୨ଟି ଦଳ ଖେଳିବେ। ଯୁବକସଙ୍ଘର ସଭାପତି ଦାକ୍ଷିନ ସୋରେନ, ଉପସଭାପତି ରାଜେଶ ମୁର୍ମୁ, ସମ୍ପାଦକ ଟେମ୍ପୋ ଟୁଡୁ, ଡୁକା ମାରାଣ୍ଡି, ସଙ୍ଗ୍ରାମ ହେମ୍ବ୍ରମ, ରାଜେଶ ମୁର୍ମୁ, ରାଜୁ ହାଁସଦା ଓ ପ୍ରଧାନ ହାଁସଦାଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଅଞ୍ଚଳର ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ସାମ୍ବାଦିକଙ୍କ ଆଲୋଚନା




କରଞ୍ଜିଆ, ୧୭।୧(ସମିସ): ପାଞ୍ଚପିଢ ଉପଖଣ୍ଡର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳ ଭିନୀତ ଭରଦ୍ୱାଜ ଏବଂ ଏସ୍‌ପି ସୁଶ୍ରୀଙ୍କୁ ଭେଟି ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହାଙ୍କ ନେତୃତ୍ୱରେ ସାମ୍ବାଦିକ ଉମାଶଙ୍କର ଦାସ, ଚନ୍ଦ୍ର କୁମାର ଲଳିତେନ୍ଦୁ ଦାସ, କବିତା ମହାନ୍ତ ପ୍ରମୁଖ ଆଲୋଚନା କରିଛନ୍ତି। କରଞ୍ଜିଆ ଡାକ୍ତରଖାନାର ଡାକ୍ତର ସମସ୍ୟା, କରଞ୍ଜିଆ ଓ ରରୁଁଆ ଥାନାରେ କର୍ମଚାରୀ ଅଭାବ, ପୁରୁଣା ପିସିଆର ଭ୍ୟାନକୁ ବଦଳ କରି ନୂତନ ଗାଡି ଯୋଗାଇବା, ଶୁକୁଳିରେ ଏକ ଥାନା ପ୍ରତିଷ୍ଠା ଆଦି ଦାବି ନେଇ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଆଲୋଚନା ସମୟରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଆଇଆଇସି ନିରୋଜ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃଆରୀ ୨୨ରୁ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ

ବେତନଟୀ, ୧୭।୧(ସମିସ): ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆ ଗ୍ରାମରେ ଆସନ୍ତା ଫେବୃଆରୀ ୨୨ତାରିଖରୁ ତ୍ରୟବିଂଶତମ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ-୨୦୨୪ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପଣ୍ଡୁଗଡ଼ିଆ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅବସରରେ ହେବାକୁଥିବା ସଂକୀର୍ତ୍ତନ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଫେବୃଆରୀ ୨୨ରେ ଅଧିବାସ, ୨୩ରେ ଘଟତୋଳନ ଏବଂ ନାମଆରମ୍ଭ, ୨୪ରେ ନାମସଂକୀର୍ତ୍ତନ ଏବଂ ୨୫ରେ ନାମ ସଂକୀର୍ତ୍ତନ ସମାପନ ଓ ଅପରାହ୍ନରେ ନଗରପରିକ୍ରମା ଓ ଦଧିଭଞ୍ଜନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଝାଡଖଣ୍ଡର ଷଢେଇକଳା, ମୟୂରଭଞ୍ଜର ଶାଳଗାଁ, କୁଳିଅଣା, ଦେଉଳୀ-କାଣିମହୁଲି ସମେତ ରାଇରଙ୍ଗପୁର ନାକିରୁ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିବେ।

## ଗାଁଅମରଦାରେ ଟିପିଏନ୍‌ଓଡିଏଲ୍‌ର ଦିଶା କାର୍ଯ୍ୟକ୍ରମ

ମୋରଡ଼ା, ୧୭।୧(ସମିସ): ଟିପିଏନଓଡିଏଲ ତରଫରୁ ଗ୍ରାହକ ସୂଚନା ସମ୍ପର୍କରେ ଦିଶା ମାଧ୍ୟମରେ ଉପଭୋକ୍ତାଙ୍କୁ ବିଦ୍ୟୁତ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟୁତ ବିଭାଗୀ ଅଧୀକ୍ଷଣ ଯନ୍ତ୍ରୀ ହରିଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଷ୍ଣୁପ୍ରିୟା ସାହୁ, ଇଂ. ନାରାୟଣ ବେହେରାଙ୍କ ନେତୃତ୍ୱରେ ଗ୍ରାହକ ସୂଚନା ସମ୍ପର୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗାଆଁମରଦା ବିଦ୍ୟୁତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବଳରାମ ଦାଶଙ୍କ ସହିତ ଲାଇନ୍‌ମ୍ୟାନ କରୁଣାକର ମହାନ୍ତ, ସଞ୍ଜିତ୍ ମାଝୀ, ଜଳଦ ରାଉତ ଏବଂ ଗାଆଁମଦାର ସରପଞ୍ଚ ଦୁଲାରୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ପୁଲିସ କର୍ମଚାରୀ ଆହତ

ବେତନଟୀ, ୧୭।୧(ସମିସ): ବେତନଟୀ ପୁଲିସ ପକ୍ଷରୁ ମଙ୍ଗଳବାର ବାଇକ ଯାଞ୍ଚ ଚାଲିଥିବାବେଳେ ଧକ୍କାରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତ ପୁଲିସ କର୍ମଚାରୀ ଜଣକ ହେଉଛନ୍ତି କନଷ୍ଟେବଲ ଉମାକାନ୍ତ ଚାଲାଣ। ବଡଜାମବଣି ଫାଣ୍ଡିଅଧୀନ ଦୁର୍ଗାପୁରଠାରେ ମଙ୍ଗଳବାର ପୁଲିସ ପକ୍ଷରୁ ବାଇକଚେକିଂ ଚାଲିଥିଲା। ସେହିସମୟରେ ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଇଲାକାର ଭାଇଭଉଣୀ ବାଇକଯୋଗେ ବେତନଟୀକୁ ଆସୁଥିଲେ। ତେବେ ଉକ୍ତ ବାଇକକୁ ହାତଦେଖାଇ ଅଟକାଇବାକୁ ସଂକେତ ଦିଆଯାଇଥିଲା। ମାତ୍ର ଉକ୍ତ ବାଇକରେ ବ୍ରେକ ନଥିବାରୁ ବାଇକଚାଳକ ଜଣକ ଆସି କନଷ୍ଟେବଲ ଉମାକାନ୍ତ ଚାଲାଣଙ୍କୁ ଧକ୍କା ଦେଇଥିଲା। ବାଇକ ଧକ୍କାରେ ଉମାକାନ୍ତ ଆହତ ହୋଇଥିବା ବେଳେ ହାତରେ ଗଭୀର ଆଘାତ ଲାଗିଥିଲା। ବେତନଟୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବେଳେ ବୁଧବାର ଏକ୍ସ-ରେ ପରେ ହାତ ଭାଙ୍ଗିଛି କି ନାହିଁ ସ୍ପଷ୍ଟ ହେବ। ତଦନ୍ତପରେ ଉକ୍ତ ବାଇକରେ ପଛ ବ୍ରେକ ନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଗାଡିଚାଳକ ଯୁବକ ଜଣକ ପ୍ରକାଶ କରିଛନ୍ତି।

## ବାର୍ଷିକ ସଂଖ୍ୟା 'ମକର ମଣ୍ଡା-୨୦୨୪' ଲୋକାର୍ପିତ

# ଡ. ମୋହିତ ଷଡ଼ଙ୍ଗୀଙ୍କୁ 'ମକର ମଣ୍ଡା ସାରସ୍ୱତ ସମ୍ମାନ'

ବାରିପଦା/ସାରସକଣା, ୧୭।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ସାରସକଣା ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର କଲ୍ୟାଣ ମଣ୍ଡପରେ 'ମକର ମିଳନ ଉତ୍ସବ ଏବଂ ଫକୀର ମୋହନ ଜୟନ୍ତୀ' ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ ହୋଇଯାଇଛି। ପ୍ରାରମ୍ଭରେ 'ମକର ମଣ୍ଡା' ପରିବାରର ଦିବଂଗତ ସଦସ୍ୟ ସ୍ୱର୍ଗତ ବିଭୂତି ଭୂଷିତ ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାରୋହରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଇଂ. ମନୋଜ କୁମାର ଦଳବେହେରା, ସ୍ୱନାମଧନ୍ୟ କବି ପ୍ରିୟନାଥ ପାଣି ଓ ଜିଲ୍ଲା ଉପର ଭାଗ ଅଞ୍ଚଳର ଯୁବ ସାହିତ୍ୟ ପ୍ରତିଭା ଶିଉଲାଲ ମହାନ୍ତ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରମ୍ପରା ପାଳନର ଆଭିମୁଖ୍ୟ ଏବଂ ଅଧୁନା ଦେଶର ଉତ୍ତର ପିଢ଼ିଙ୍କୁ ପୁସ୍ତକ ପଠନମୁଖୀ କରିବା ତଥା ମାତୃଭାଷା ପ୍ରୀତି ଉଜାଗର ପାଇଁ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ନନ୍ଦିଘୋଷ ସାହିତ୍ୟ ସମାଜର ସଭାପତି ଡ଼.ଉପେନ୍ଦ୍ର ନାଥ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମାରୋହରେ ଅନୁଷ୍ଠାନର ବାର୍ଷିକ ସାହିତ୍ୟ ପତ୍ରିକା 'ମକର ମଣ୍ଡା'ର ୩୦ତମ ବାର୍ଷିକ ସଂଖ୍ୟା 'ମକର ମଣ୍ଡା -୨୦୨୪' ଲୋକାର୍ପିତ ହୋଇଥିଲା। ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ ପତ୍ରିକାର ସଂକ୍ଷିପ୍ତ ସମୀକ୍ଷା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରାବନ୍ଧିକ ଓ ଶିକ୍ଷାବିତ୍ ବରିଷ୍ଠ ପ୍ରାଧ୍ୟାପକ ଡ଼ ମୋହିତ କୁମାର ଷଡଙ୍ଗୀଙ୍କୁ ଚଳିତ ବର୍ଷପାଇଁ ଅରୁନ୍ଧତୀ କାବ୍ୟର ସ୍ରଷ୍ଟା ପରମାନନ୍ଦ ସାହୁ ସ୍ମୃତି ନିବେଦିତ ମର୍ଯ୍ୟାଦାଜନକ 'ମକର ମଣ୍ଡା ସାରସ୍ୱତ




ସମ୍ମାନ-୨୦୨୪' ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ମକର ମଣ୍ଡା ପରିବାର ଏବଂ ସାରସକଣା ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ମିଳନ ସଭାରେ ପ୍ରସନ୍ନ କୁମାର ସାହୁ ଓ ଲକ୍ଷୀମଣି ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍ୱତୀ ପଣ୍ଡା ମାନପତ୍ର ପାଠ ଓ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଣେଶ୍ୱର ସଙ୍ଗୀତ ବିଦ୍ୟାଳୟର କଳାକାର ସଞ୍ଜୟ, ମୃତ୍ୟୁଞ୍ଜୟ ଭୋଳ, ସତ୍ୟଦୀପ ଓ ସତ୍ୟସୁନ୍ଦର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଅଜିତ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ପ୍ରଜ୍ଞା, ଏଲିନା, ହରପ୍ରିୟା, ଦିବ୍ୟାଶା ଓ ଆଦ୍ୟାଶା ପ୍ରମୁଖ ସାଂସ୍କୃତିକ ବିଚିତ୍ରା ପ୍ରସ୍ତୁତ କରିଥିଲେ। ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ, ସୁରଥ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ରଙ୍ଗବଲ୍ଲଭ ସାହୁ, ଦୁର୍ଗାପ୍ରସାଦ ନନ୍ଦୀ, ବାସୁଦେବ ସାହୁ, ସୁଶାନ୍ତ ପ୍ରତିହାରୀ, ମନୋଜ କୁମାର ସାହୁ, ପ୍ରଦୀପ ପାଲିତ, ହିମାଂଶୁ ଶେଖର ସାହୁ ଓ ବିଭୂତି ଭୂଷଣ ପ୍ରତିହାରୀ ପ୍ରମୁଖ ସହଯୋଗ କରିଥିଲେ। ପତ୍ରିକାର ସହସମ୍ପାଦିକା ସୁଶ୍ରୀ ଅଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଭାସୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଦେଖିଲେ ଜିଲ୍ଲାବାସୀ

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଗାଁଠୁ ସହର










**ବାରିପଦା, ୧୭ ।୧(ସମିସ)**

ଶ୍ରୀକ୍ଷେତ୍ର ପୁରୀରେ ଭବ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି; ଯାହାକି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦିବ୍ୟ ଅନୁଭୂତି ଆଣିଛି। ବେଦପାଠ ଧ୍ୱନିରେ ସମଗ୍ର ପୁରୀ ପ୍ରକମ୍ପିତ ହେବା ବେଳେ ସମଗ୍ର ଓଡ଼ିଶା ଚଳଚଞ୍ଚଳ ହୋଇ ଉଠିଛି। ସମଗ୍ର ବିଶ୍ୱ ଜଗତର ପ୍ରାଣକେନ୍ଦ୍ର, କୋଟି ଓଡ଼ିଆର ମଉଡମଣୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସମଗ୍ର ବିଶ୍ୱ ତଥା ବିଶେଷ କରି ପୁରପଲ୍ଲୀ ମଧ୍ୟ ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଛି। ଏହି କ୍ରମରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାବ୍ୟାପୀ ଆନନ୍ଦ ଉଲ୍ଲାସରେ ଭବ୍ୟ ମୁହୂର୍ତ୍ତକୁ ଆଭାସୀ ମାଧ୍ୟମରେ ଉପଭୋଗ କରିଛନ୍ତି। ଜିଲ୍ଲାର ସମସ୍ତ ପଞ୍ଚାୟତ, ବ୍ଲକ ଏବଂ ପୌରାଞ୍ଚଳରେ ଏହି ଭବ୍ୟ ଲୋକାର୍ପଣ ଆୟୋଜନର ଆଭାସୀ ପ୍ରସାରଣ ହୋଇଥିଲା। ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ରହି ଏହି ଲୋକାର୍ପଣ ସଭା ପାଇଁ ଆଭାସୀ ପ୍ରସାରଣର ବ୍ୟବସ୍ଥା କରିବା ସହିତ ସମସ୍ତ ଦର୍ଶକମାନଙ୍କ ପାଇଁ ସିଧା ପ୍ରସାରଣ ନିମନ୍ତେ ଉତ୍ତମ ଜଳପାନର ବ୍ୟବସ୍ଥା ମଧ୍ୟ କରିଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଭଜନ କୀର୍ତ୍ତନ, ଶଙ୍ଖ ଓ ହୁଳହୁଳିରେ ଭାବାମୟ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଐଶ୍ୱରିୟା ଭୂୟାଁ ଆଭାସୀ ପ୍ରସାରଣର ବ୍ୟବସ୍ଥା କରିବା ସହିତ ସମସ୍ତ ଦର୍ଶକଙ୍କ ପାଇଁ ଉତ୍ତମ ଜଳପାନର ବ୍ୟବସ୍ଥା ମଧ୍ୟ କରିଥିଲେ।

**ବିଶୋଇ :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଲୋକାର୍ପଣ ହୋଇଯାଇଛି। ଶ୍ରୀମନ୍ଦିରର ଚୌଉହଦି ସୌନ୍ଦର୍ଯ୍ୟାକରଣର ଅନନ୍ୟ ରୂପାନ୍ତର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦେଖି ଦିବ୍ୟ ଅନୁଭୂତି ପାଇବା ପାଇଁ ସାରା ରାଜ୍ୟବାସୀଙ୍କ ଗହଣରେ ଉତ୍କଣ୍ଠା ଭରି ରହିଥିବା ବେଳେ ଆଜି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକରେ ମଧ୍ୟ ଏହି ଲୋକାର୍ପଣ ଉତ୍ସବକୁ ଦେଖିବା ପାଇଁ ଆଭାସୀ ମାଧ୍ୟମରେ ଲୋକେ ଶ୍ରୀକ୍ଷେତ୍ର ସହିତ ଯୋଡ଼ି ହୋଇଛନ୍ତି। ବ୍ଲକର ୧୩ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ସଂଯୁକ୍ତା ବାଆ, ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ନାଏକ, ବିଜେଡି ବିଶୋଇ ବ୍ଲକ କାର୍ଯ୍ୟକାରୀ ସଭାପତି କ୍ଷିରୋଦ କୁମାର ନନ୍ଦ, ଜିପିଇଓ କୁମାର ଦେବବ୍ରତ ପାତ୍ର, ବିପିଏମ ଲକ୍ଷ୍ମଣ ବିଶ୍ୱାଳ, ଏସ୍‌ଡିପିଓ ପ୍ରଧୃତି ରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

**କପ୍ତିପଦା :** କପ୍ତିପଦା ବ୍ଲକର ୨୬ଟି ପଞ୍ଚାୟତରେ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆଭାସୀ ମାଧରେ ଅଞ୍ଚଳବାସୀ ଦେଖିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ, ସଙ୍ଗୀତ ଓ ଓଡଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବଡ ଏଲଇଡି ଟିଭି ମାଧ୍ୟମରେ ଶ୍ରୀକ୍ଷେତ୍ରରେ ଲୋକାର୍ପଣକୁ ସମସ୍ତ ଭକ୍ତ ଉପଭୋଗ କରିଥିଲେ। ଶିକ୍ଷକ ରାଜ କିଶୋର ବେହେରା ସ୍ୱାଗତ ଭାଷଣ ଓ ଏବିଡିଓ ବିଦ୍ୟାଭାରତୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପାତ୍ର, ବିପିଓ ପ୍ରମୋଦ ରଞ୍ଜନ ନାଏକ, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ବିଜେଡି ଜିଲ୍ଲା ସମ୍ପାଦକ ସୁବାଷଚନ୍ଦ୍ର ସାଏ, ବ୍ଲକ ସଭାପତି ପ୍ରବୀରଚନ୍ଦ୍ର ସାଏ, ପଞ୍ଚାୟତ ସଭାପତି ସୁମନ୍ତକୁମାର ମହାନ୍ତି, ଜିଲ୍ଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ମାକୁସିଂ ଓ ସିରୁ ସୋରେନ, ଅଭିମନ୍ୟୁ ମଣ୍ଡଳ, ଗଣେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ରଥଦାଣ୍ଡ ସ୍ଥିତ ଦଧିବାମନଜୀଉ ମନ୍ଦିରକୁ ପୁଷ୍ପରେ ସଜ୍ଜିତ କରାଯାଇଥିଲା।

**ଶୁକୃଳି/ରରୁଆଁ :** ଶ୍ରୀମନ୍ଦିର ପରିକ୍ରମାର ଲୋକାର୍ପଣ ଉତ୍ସବ ଆଜି ଆଭାସୀ ମାଧରେ ଶୁକୃଳି, ଏବଂ ରରୁଆଁ ବ୍ଲକରେ ଲୋକେ ଦେଖି ବିମୋହିତ ହୋଇଛନ୍ତି। ଲୋକାର୍ପଣ ଉତ୍ସବରେ ସାରା ରାଜ୍ୟ ଜଗନ୍ନାଥମୟ ହୋଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତଠୁ ଆରମ୍ଭ କରି ଜିଲ୍ଲାସ୍ତରରେ ଏ ନେଇ ଭବ୍ୟ ଆୟୋଜନ ହୋଇଥିଲା। ଶୁକୃଳି ବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏଲଇଡି ମାଧ୍ୟମରେ ଲୋକେ ସିଧାପ୍ରସାରଣକୁ ଦେଖିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି, ଯୁବନେତା ଗୋଲକ ବିହାରୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀ ପ୍ରଧାନ ଏବଂ ବ୍ଲକର ଅନ୍ୟ ଅଧିକାରୀ ସହଯୋଗ କରିଥିଲେ। ସେହିପରି ରରୁଆଁ ବ୍ଲକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଧ୍ୟ ଲୋକେ ଏଲଇଡି ମାଧ୍ୟମରେ ଲୋକାର୍ପଣ ଉତ୍ସବକୁ ଉପଭୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଜିତ ତିରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା ସହଯୋଗ କରିଥିଲେ।

**ବେତନଟୀ:** ପୁରୀ ଶୀମନ୍ଦିରର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଥିବା ବେଳେ ଏନେଇ ବେତନଟୀ ବ୍ଲକ ଅଫିସ ପ୍ରାଙ୍ଗଣ ସମେତ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବକୁ ଭର୍ଚୁଆଲ ମୋଡରେ ଦେଖିବା ପାଇ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିଲା। ବିଡିଓ ନିର୍ଲିପ୍ତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

**ରାଇରଙ୍ଗପୁର :** ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ମହାରାଜାଙ୍କ ଉପସ୍ଥିତିରେ ନଡ଼ିଆ ପିଟି ଏହାକୁ ଲୋକାର୍ପିତ କରିଛନ୍ତି। ଅପରାହ୍ନ ସମୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଶହ ଶହ ଶ୍ରଦ୍ଧାଳୁ ଦେଖି ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଶବ୍ଦ ଉଚ୍ଚାରଣ କରିଥିଲେ। ସେହିପରି ତାଳଗାଁ, ହଁସଡ଼ା, ପାସନା, କୁସୁମୀ, ବିଶୋଇ, ବିଜାତଳା, ବହଳଦା,




ରାଇରଙ୍ଗପୁର, ତିରିଂ ବ୍ଲକ ପରିସରରେ ମଧ୍ୟ ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ବିଭିନ୍ନ ଗାଁରୁ ଆସିଥିବା ଲୋକେ ଦେଖିଥିଲେ।

**କଳାବାଡିଆ :** ବାଙ୍ଗିରିପୋଷି ବ୍ଲକର ୧୯ଟି ପଞ୍ଚାୟତରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ସବୁ ପଞ୍ଚାୟତରେ ଟେଲିଭିଜନ ମାଧ୍ୟମରେ ପୁରୀରୁ ସିଧାପ୍ରସାରଣ ଜନସାଧାରଣ ଦେଖିଛନ୍ତି। ସେହିପରି ବାଙ୍ଗିରିପୋଷି ପଞ୍ଚାୟତ ସମିତି ପରିସରରେ ଏହି ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ହେମ୍ବ୍ରମ, ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଏବିଡିଓ ରୂପେଶ କୁମାର ନାଏକ, ଉପାଧ୍ୟକ୍ଷ ରତିକାନ୍ତ ସିଂ, ଜିଲ୍ଲା ପରିଷଦ ରାମଚନ୍ଦ୍ର ମୁର୍ମୁ, ପାର୍ବତୀ ସିଂ, ପଞ୍ଚାୟତ ଅଧିକାରୀ କାମିନୀ କାନ୍ତ ଦଳେଇ ସମତେ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

**ଜାମଦା :** ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପିତ ହୋଇଛି। ଏହି ପରିକ୍ରମା ଉତ୍ସବ କୋଣ ଅନୁକୋଣରୁ ପ୍ରତ୍ୟେକ ଭକ୍ତ ଦେଖିପାରିବେ। ଏ ନେଇ ପ୍ରତ୍ୟେକ ପଞ୍ଚାୟତରେ ଏଲଇଡି ମାଧ୍ୟମରେ ସିଧାପ୍ରସାରଣ କାର୍ଯ୍ୟକ୍ରମ ଲୋକେ ଦେଖିଥିଲେ। ଜାମଦା ବ୍ଲକ ପ୍ରଶାସନ ପକ୍ଷରୁ ୧୦ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମନ୍ଦିର ପରିକ୍ରମା ଉତ୍ସବ ସିଧା ପ୍ରସାରଣ ଦେଖିବା ପାଇଁ ପ୍ରତି ପଞ୍ଚାୟତରେ ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ଥିଲେ। ଜାମଦା ବିଡ଼ିଓ ଦେବାଶିଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମହୁଲଡିହା/ଠାକୁରମୁଣ୍ଡା :** ଠାକୁରମୁଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣକୁ ଲୋକମାନେ ଦେଖିଛନ୍ତି। ଏଥିପାଇଁ ସରକାର ସ୍ୱତନ୍ତ୍ର ଅନୁଦାନ ମାଧ୍ୟମରେ ବ୍ୟବସ୍ଥା କରିଥିଲେ। ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଦର୍ଶକଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ବିଡ଼ିଓ ମନୋଜ କୁମାର କାର୍ଜି, ଏବିଡ଼ିଓ ଟଙ୍କଧର ମହାନ୍ତ, ଏପିଓ ଧାନଚନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ସାହୁ, ସିପି ଗଣେଶ ସୋରେନ, ଜିପିଡିଓ ଦଳେଇ ସିଂ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।


















